ବିଦ୍ୟାଳୟ ନେତୃତ୍ୱ

# ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ରୂପାନ୍ତିକରଣ : ଆପଣଙ୍କ ବିଦ୍ୟାଳୟରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାରକୁ ନେତୃତ୍ୱ ଦେବା

## Transforming teaching-learning process: leading the use of technology in your school





ଭାରତରେ ବିଦ୍ୟାଳୟ ଭିତ୍ତିକ ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

http://creativecommons.org/licenses/

ଏହି ବିଦ୍ୟାଳୟ ନେତୃତ୍ୱ ସମ୍ବନ୍ଧୀୟ ମୁକ୍ତ ଶିକ୍ଷଣ ସମ୍ବଳଟି ଟେସ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ହୋଇଥିବା 'ବିଦ୍ୟାଳୟ ନେତୃତ୍ୱ' ସମ୍ବନ୍ଧୀୟ ୨୦ଟି ପୁସ୍ତିକା ମଧ୍ୟରୁ ଅନ୍ୟତମ। ଏହି ପୁସ୍ତିକାଗୁଡ଼ିକ ବିଦ୍ୟାଳୟରେ ନେତୃତ୍ୱ ନେଉଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ଶିକ୍ଷଣ ଓ ବୃତ୍ତିଗତରେ ଉନ୍ନତି ଆଣି ଶ୍ରେଣୀ କକ୍ଷରେ ପାଠପଢାରେ ସହାୟତା କରିବ। ଏହି ପୁସ୍ତିକାଗୁଡ଼ିକ ବିଭିନ୍ନ ସିଦ୍ଧାନ୍ତ ଓ ପରିଚାଳନା ସମ୍ବନ୍ଧୀୟ ଅଭିଜ୍ଞତାକୁ ଭିତ୍ତିକରି ପ୍ରସ୍ତୁତ କରାଯାଇଛି। ଏହି ପୁସ୍ତିକାରେ ଦିଆଯାଇଥିବା ତଥ୍ୟକୁ ବିଦ୍ୟାଳୟର ନେତୃତ୍ୱ, ଶିକ୍ଷକ ଓ ସହାୟକ କର୍ମୀମାନେ ଅଭ୍ୟାସରେ ଆଣିଲେ ବିଦ୍ୟାଳୟରେ ସାମୁହିକ ଉନ୍ନତି ଆସିପାରିବ। ଏହି ପୁସ୍ତିକାଗୁଡ଼ିକ ପଠନ ପାଇଁ ଏକ ବିଦ୍ଧିବଧ ଖସଡା ପ୍ରସ୍ତୁତ କରିବାର ଆବଶ୍ୟକତା ଯଦିଓ ନାହିଁ ତଥାପି "ବିଦ୍ୟାଳୟର ମୁଖ୍ୟ ଜଣେ ସାମର୍ଥ୍ୟକାରୀ" ପୁସ୍ତିକାରୁ ପଠନ ଆରମ୍ଭ କରାଯାଇପାରେ। ଏହି ପୁସ୍ତିକାଗୁଡ଼ିକ ନିଜସ୍ୱ ପଠନ ପାଇଁ ଉଦ୍ଦିଷ୍ଟ ଓ ଏହାକୁ ନିଜର ପାଠାଗାରାରେ ରଖାଯାଇପାରେ। ଏହି ପୁସ୍ତିକାଗୁଡିକ ବିଦ୍ୟାଳୟ ନେତୃତ୍ୱ ନେଉଥିବା ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ, ଉପ ପ୍ରଧାନ ଶିକ୍ଷକ କିମ୍ବା ଅନ୍ୟ ଶିକ୍ଷକ ଯେଉଁମାନେ ବିଦ୍ୟାଳୟ ନେତୃତ୍ୱରେ ସାମିଲ ଅଛନ୍ତି ସେମାନଙ୍କ ପାଇଁ ଉଦ୍ଦିଷ୍ଟ।

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/) ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

**ଭିଡ଼ିଓ ସମ୍ବଳ ସମୂହ**

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ 1.0 ବିଦ୍ୟାଳୟ ନେତୃତ୍ୱ 20
Odisha

ଏହି ସଂକରଣଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ବିଦ୍ୟାଳୟ ନେତୃତ୍ୱ ସଂକଳନର ଏକ ଭାଗ ଅଟେ। ମୂଳ ଇଂରାଜୀ ଲେଖାକୁ ଡକ୍ଟର ମମତା ସ୍ୱାଇଁ ଓଡ଼ିଆ ଭାଷାରେ ଭାଷାନ୍ତର କରିଛନ୍ତି। ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସ ମ୍ବଳ / ଲେଖ http:// creativecommons.org/ licenses/by-sa/3.0/ ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ।

TESS-India is led by The Open University UK and funded by UK aid from the UK government

## ଏହି ଏକକରେ କ'ଣ ଅଛି

> ଏହାକୁ ଖୁବ୍ ସୁନ୍ଦର ଭାବରେ ଗ୍ରହଣ କରାଯାଇଛି ଯେ ଶିକ୍ଷାର୍ଥୀ, ଶିକ୍ଷକଙ୍କର ଓ ଶିକ୍ଷକ ପ୍ରଶିକ୍ଷକ ଓ ଅନ୍ୟମାନଙ୍କ ଶିକ୍ଷା ଉପରେ ସୂଚନା ଓ ଯୋଗାଯୋଗ ଓ ପ୍ରଯୁକ୍ତିବିଦ୍ୟା ଅଧିକ ପ୍ରଭାବ ପକାଇଥାଏ। ଆମ ଶିକ୍ଷା ବ୍ୟବସ୍ଥାରେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ହ୍ରାସ କରିବା ପାଇଁ ନୂତନ ଓ ଫଳପ୍ରଦ ବାଟ ଦେଖାଏ।
>
> (କେନ୍ଦ୍ରୀୟ ପ୍ରଯୁକ୍ତି ଶିକ୍ଷା ପ୍ରତିଷ୍ଠାନ ୨୦୧୩)

ଅନେକ ବିଦ୍ୟାଳୟର ମୁଖ୍ୟମାନେ ଆଶା କରନ୍ତି ଯେ ସେମାନଙ୍କ ବିଦ୍ୟାଳୟରେ ଶିକ୍ଷାର୍ଥୀଙ୍କ ବ୍ୟବହାର ପାଇଁ କମ୍ପ୍ୟୁଟର ଉପଲବ୍ଧ ହେଉ ଯାହା କି ସେମାନଙ୍କ ଶିକ୍ଷଣକୁ ସହାୟତା ପ୍ରଦାନ କରିବ। ଅନେକ କମ୍ପ୍ୟୁଟର ବିଷୟରେ ଶୁଣିଛନ୍ତି କିନ୍ତୁ ସେମାନେ ଏହା ସହ ପରିଚିତ ନୁହନ୍ତି। ଏହି ଏକକରେ ଉଦ୍ଦେଶ୍ୟ ହେଉଛି ଯଦିଓ ଆପଣଙ୍କ ବିଦ୍ୟାଳୟରେ କମ୍ପ୍ୟୁଟର ନାହିଁ ତଥାପି ଆପଣଙ୍କୁ ଉପଲବ୍ଧ ପ୍ରଯୁକ୍ତିବିଦ୍ୟା ସହ ପରିଚିତ କରାଇବ। ଏହାର ଉଦ୍ଦେଶ୍ୟ ହେଉଛି ଯେ ଆପଣଙ୍କର ଶିକ୍ଷକଗଣ ଉପଯୁକ୍ତ ପ୍ରେରଣା ଓ ଦକ୍ଷତା ସହ ଉପଲବ୍ଧ ଥିବା ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରିବାକୁ ସମର୍ଥ ହେବେ। ବିଦ୍ୟାଳୟର ମୁଖ୍ୟ ଭାବେ ଆପଣ ପ୍ରଯୁକ୍ତି ବିଦ୍ୟାରେ ପାରଙ୍ଗମ ହେବା ଜରୁରୀ ନୁହେଁ (ଯଦି ଓ ମୂଳ ଦକ୍ଷତା ହାସଲ କରିବାର ନିଜେ ଉପକୃତ ହେବେ) କିନ୍ତୁ ଶିକ୍ଷାଦାନ ଶିକ୍ଷଣକୁ ସହାୟତା ଦେବା ପାଇଁ ଆପଣ ପ୍ରଯୁକ୍ତି ବିଦ୍ୟାର ପରିକଳ୍ପନା ଯୋଗାଇବା ଆବଶ୍ୟକ। ଆପଣ ଏପରି ଏକ ପରିବେଶ ସୃଷ୍ଟି କରିବେ ଯେଉଁଥିରେ ଆପଣଙ୍କ ଶିକ୍ଷକମାନେ ଦକ୍ଷତାକୁ ହାସଲ କରିବେ।

ଏହି ଏକକରେ କେତେକ ଉପାୟ ଦର୍ଶାଯାଇଛି ଯେଉଁଥିରେ ପ୍ରଯୁକ୍ତିବିଦ୍ୟା ଶିକ୍ଷାର୍ଥୀଙ୍କୁ ଶିଖିବାରେ ସହାୟତା ଦେଇପାରୁଛି ଓ ଶିକ୍ଷକଙ୍କୁ ପ୍ରଭାବିତ ମଧ୍ୟ କରୁଛି। ଶିକ୍ଷକମାନେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାକୁ ଶିକ୍ଷଣରେ ବ୍ୟବହାର କରିବା ପାଇଁ ସେମାନଙ୍କ ପାଖରୁ କେତେକ ନୂତନ କୌଶଳ ଆବଶ୍ୟକ କରେ। ଇଣ୍ଟରନେଟ୍ ହେଉଛି ବହୁତ ଗୁଡ଼ିଏ ଶିକ୍ଷଣ ଉତ୍ସର ସମାହାର ଯାହା କି ମୌଳିକ ଭାବରେ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ମଧ୍ୟରେ ଥିବା ସମ୍ପର୍କକୁ ପରିବର୍ତ୍ତନ କରିଥାଏ। ପ୍ରଯୁକ୍ତିବିଦ୍ୟା ଦ୍ରୁତଗତିରେ ବଦଳୁଛି। ଅଭିଜ୍ଞ ଶିକ୍ଷକମାନଙ୍କ ଅପେକ୍ଷା ଯୁବ ଓ ଅନଭିଜ୍ଞ ଶିକ୍ଷକମାନଙ୍କ ପାଖରେ ଅଧିକ ଦକ୍ଷତା ଥାଇପାରେ ଓ ସେମାନେ ପରିବର୍ତ୍ତନକୁ ସାମ୍ନା କରିବା ପାଇଁ ଅଧିକ ଭଲ ପରିସ୍ଥିତିରେ ଥାଇପାରନ୍ତି। ଆପଣଙ୍କର କେତେକ ବରିଷ୍ଠ ଶିକ୍ଷକମାନେ ଭୟଭୀତ ହୋଇପାରନ୍ତି। ଏହା ଆପଣଙ୍କ ଉପରେ ନିର୍ଭର କରେ ଯେ ସେମାନଙ୍କୁ ଉତ୍ସାହିତ କରିବେ ଓ ଏମିତି ପରିବେଶ ସୃଷ୍ଟି କରିବେ ଯେଉଁଠାରେ ସେମାନେ ପରସ୍ପର ପରସ୍ପରଠୁ ଶିଖିବେ।

ମନେରଖନ୍ତୁ ଯେ ଏହି ଏକକର ଆପଣଙ୍କ ବିଦ୍ୟାଳୟରେ ଶିକ୍ଷଣ ସହାୟତା ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ମୁଖ୍ୟତଃ ଗୁରୁତ୍ୱ ଦିଆଯାଇଛି। ପ୍ରଯୁକ୍ତିବିଦ୍ୟାକୁ ଏକ ବିଷୟ ଭାବେ ପଢ଼ାଇବା ଲକ୍ଷ୍ୟ ନୁହେଁ।

### ଶିକ୍ଷଣ ଡାଏରୀ

ଏହି ଏକକରେ କାମ କରୁଥିବା ବେଳେ ଆପଣଙ୍କର ଚିନ୍ତାଧାରା ଓ ଯୋଜନାଗୁଡ଼ିକୁ ଏକାଠି କରି ଗୋଟିଏ ସ୍ଥାନରେ ନିଜ ଡାଏରୀ / ଖାତାରେ ଟିପିକରି ରଖିବା ପାଇଁ କୁହାଯିବ।

ଆପଣ ଏହି ଏକକରେ ହୁଏତ ଏକୁଟିଆ କାମ କରୁଥାଇପାରନ୍ତି। କିନ୍ତୁ ଆପଣ ବହୁତ କିଛି ଶିଖିବେ ଯଦି ଆପଣ ହାସଲ କରିଥିବା ଅନୁଭୂତିକୁ ଅନ୍ୟ ବିଦ୍ୟାଳୟର ମୁଖ୍ୟଙ୍କ ସହ ଆଲୋଚନା କରିବାକୁ ସକ୍ଷମ ହେବ। ସେ ଜଣେ ସହକର୍ମୀ ହୋଇପାରନ୍ତି ଯାହା ସହିତ ସହଯୋଗ କରି ଆପଣ କାମ କରିଛନ୍ତି ବା ଅନ୍ୟ କେହି ବି ହୋଇପାରନ୍ତି ଯାହାଙ୍କ ସହିତ ଆପଣ ନୂତନ ଭାବରେ ସମ୍ପର୍କ ସ୍ଥାପନ କରି ଏହି କାମ କରିପାରିବେ। ଏହି କାମକୁ ସଂଗଠିତ ଭାବରେ ବା ଅଧିକ ଅନୌପଚାରିକ ଆଧାରରେ କୁହାଯାଇପାରେ। ଏଭଳି ବୈଠକରେ ନିଜ ଡାଏରୀରେ ଟିପି ରଖିଥିବା ବିବରଣୀ ଦରକାର ପଡ଼ିପାରେ। ଦୀର୍ଘମିଆଦି ଶିକ୍ଷଣ ବିକାଶର ନକ୍ସା ପ୍ରସ୍ତୁତି ବେଳେ ବା ଆଲୋଚନା ସମୟରେ ମଧ୍ୟ ଏହା ବ୍ୟବହାରରେ ଆସିପାରେ।

## ଏହି ଏକକରୁ ବିଦ୍ୟାଳୟ ମୁଖ୍ୟ କ'ଣ ଶିଖିବେ

- ଆପଣଙ୍କ ବିଦ୍ୟାଳୟରେ ପ୍ରଯୁକ୍ତିବିଦ୍ୟା ପରିସରର ଗୁରୁତତ୍ତ୍ୱକୁ ବ୍ୟବହାର କରାଯାଇପାରେ।
- ବିଦ୍ୟାଳୟରେ ସୂଚନା ଯୋଗାଯୋଗ ଓ ପ୍ରଯୁକ୍ତିବିଦ୍ୟାର ସାଧନ ଓ ଉପକରଣର ସୃଜନଶୀଳ ବ୍ୟବହାର ଉପରେ ଚିନ୍ତା କରିବା।
- ଆପଣଙ୍କ ଶିକ୍ଷଣର ସହାୟତା ପାଇଁ ଇଣ୍ଟରନେଟ୍‌କୁ ବ୍ୟବହାର କରିବେ।
- ଆପଣଙ୍କର ଶିକ୍ଷକମାନଙ୍କୁ ଓ ସେମାନଙ୍କର ଶ୍ରେଣୀ କୋଠରୀରେ ଓ ନିଜସ୍ୱ ଶିକ୍ଷା ପାଇଁ ଇଣ୍ଟରନେଟ୍ ବ୍ୟବହାର କରିବାକୁ ସହାୟତା ଦେବ।

## ୧ ପ୍ରବେଶ କରିବା ପାଇଁ ଆପଣଙ୍କ ପାଖରେ କ'ଣ ପ୍ରଯୁକ୍ତିବିଦ୍ୟା ଓ କୌଶଳ ଅଛି

### କମ୍ପ୍ୟୁଟରରେ ବ୍ୟବହୃତ ଉପକରଣ (ହାର୍ଡୱେର)



ଚିତ୍ର ୧ ହାର୍ଡୱେର ଆପଣଙ୍କ ବିଦ୍ୟାଳୟକୁ ଉପକାର କରିପାରେ।

ପ୍ରଯୁକ୍ତିବିଦ୍ୟାର ପରିସରରେ ବିଭିନ୍ନ ଉପକରଣ ଅନ୍ତର୍ଭୁକ୍ତ ଅଟେ ଯଥା ଡେକ୍ସଟପ୍ କମ୍ପ୍ୟୁଟର, ଲାପ୍‌ଟପ୍, ମୋବାଇଲ୍ ଫୋନ୍, ସ୍ମାର୍ଟ ଫୋନ୍, ଟେବ୍‌ଲେଟ୍, ପ୍ରୋଜେକ୍ଟର, ପ୍ରିଣ୍ଟର, ସ୍କାନର୍, ଡିଜିଟାଲ କ୍ୟାମେରା ଏହିଭଳି ଅନେକ ଅଛି। ସେଥିମଧ୍ୟରୁ କେତେକ ଉପଯୁକ୍ତ ସଫ୍ଟୱେର ଦ୍ୱାରା ପରିଚାଳିତ ହୋଇଥାଏ ଓ ଅନ୍ୟଗୁଡ଼ିକୁ ଇଣ୍ଟରନେଟ୍ ସହ ସଂଯୋଗ କରାଯାଇପାରେ। ଭବିଷ୍ୟତରେ ପାରମ୍ପରିକ କମ୍ପ୍ୟୁଟର ଓ ଲାପ୍‌ଟପ୍ ଅପେକ୍ଷା ଫୋନ୍ ଓ ଟେବ୍‌ଲେଟ୍ ଅଧିକ ପରିମାଣରେ ଉପଲବ୍ଧ ହେବ ତେଣୁ ପ୍ରବାହମାନ ଧାରା ପାଇଁ ଯୋଜନା କରିବା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ। ଜଣେ ବିଦ୍ୟାଳୟର ମୁଖ୍ୟ ଭାବେ ଆପଣ ପ୍ରଯୁକ୍ତିବିଦ୍ୟାର ବିକାଶ ଉପରେ ସଚେତନ ହେବାକୁ ଚେଷ୍ଟା କରିବା ଉଚିତ୍ ଓ ସେଗୁଡ଼ିକୁ କିପରି ଶିକ୍ଷଣର ଅଭିବୃଦ୍ଧିରେ ସାହାଯ୍ୟ କରିବ, ଯାହାଫଳରେ ଆପଣଙ୍କ ବିଦ୍ୟାଳୟରେ ପ୍ରଯୁକ୍ତି ବିଦ୍ୟାରେ ପ୍ରବେଶ କରାଇବା ପାଇଁ ସୁଯୋଗଗୁଡ଼ିକୁ ଦେଖିପାରିବେ।

### ଇଣ୍ଟରନେଟ୍



ଚିତ୍ର : ୨ ଇଣ୍ଟରନେଟ୍‌କୁ ଯାଇପାରିବେ।

ଇଣ୍ଟରନେଟ୍ ଏକ ଶକ୍ତିଶାଳୀ ସମ୍ବଳ ଅଟେ। ବିଦ୍ୟାଳୟରେ ଇଣ୍ଟରନେଟ୍‌କୁ ବ୍ୟବହାର କରିବା ପାଇଁ ଉପଲବ୍ଧ ସୁଯୋଗଗୁଡ଼ିକୁ ଶିକ୍ଷକ ଓ ଶିକ୍ଷାର୍ଥୀ ବ୍ୟବହାର କରିବା ଫଳରେ ବହୁତ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଯଦିଓ ଆପଣଙ୍କ ବିଦ୍ୟାଳୟରେ ଇଣ୍ଟରନେଟ୍ ଉପଲବ୍ଧ ନୁହେଁ ତଥାପି କେତେକ ଉପକରଣକୁ ଅନ୍ୟତ୍ର ଇଣ୍ଟରନେଟ୍‌ରେ ସଂଯୋଗ କରି ଆପଣ ଅନେକ ସାମଗ୍ରୀ ଡାଉନ୍‌ଲୋଡ୍ କରି ପରେ ବ୍ୟବହାର କରି ଅନେକ ସୁବିଧା ପାଇପାରିବେ।

ଭାରତର ପ୍ରଧାନ ସହରର ବାହାରେ ଯଦିଓ ଇଣ୍ଟରନେଟ ବ୍ୟାପକ ଭାବେ ବର୍ତ୍ତମାନ ଉପଲବ୍ଧ ନୁହେଁ, କିନ୍ତୁ ସମୟକ୍ରମେ ଏହା ବଦଳୁଛି। ଦ୍ରୁତଗତିରେ ଦୂରସ୍ଥାନମାନଙ୍କରେ ମୋବାଇଲ ସେବା ପହଞ୍ଚିପାରୁଛି।

## ଶିକ୍ଷକମାନଙ୍କର ସୂଚନା ଯୋଗାଯୋଗ ଓ ପ୍ରଯୁକ୍ତିବିଦ୍ୟା ଜ୍ଞାନ ଓ କୌଶଳ

୨୦୧୩ ମସିହାରେ କେନ୍ଦ୍ରୀୟ ଶିକ୍ଷା ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଏନ୍‌ସିଇ ଆର୍‌ଟି) ଶିକ୍ଷକମାନଙ୍କ ପାଇଁ ସୂଚନା ଯୋଗାଯୋଗ ଓ ପ୍ରଯୁକ୍ତିବିଦ୍ୟା ପାଠ୍ୟକ୍ରମ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ଏହା ଚିହ୍ନଟ କରିଛି ଯେ ଶିକ୍ଷକମାନେ ନିମ୍ନରେ ଦିଆଯାଇଥିବା ବିନ୍ଦୁକୁ କହିବାକୁ ସମର୍ଥ ହେବା ଉଚିତ୍।

- ସୂଚନା ଯୋଗାଯୋଗ ଓ ପ୍ରଯୁକ୍ତିବିଦ୍ୟାର ସାଧନ ସଫ୍ଟୱେରର ପ୍ରୟୋଗ ଓ ଡିଜିଟାଲ ସମ୍ବଳ ସମୂହର ଫଳପ୍ରଦ, ବ୍ୟବହାର
- ଶିକ୍ଷାଦାନ, ଶିକ୍ଷଣ ଓ ମୂଲ୍ୟାୟନରେ ଆଇସିଟିକୁ ସମନ୍ୱିତ କରିବା।
- ଡିଜିଟାଲ ସମ୍ବଳ ସମୂହକୁ ସଙ୍ଗଠନ କରିବା ଓ ସୃଷ୍ଟି କରିବା।
- ଶିକ୍ଷକମାନଙ୍କ ନେଟ୍‌ୱର୍କରେ ଅଂଶଗ୍ରହଣ କରିବା।
- ସମ୍ବଳ ସମୂହକୁ ଚୟନ କରିବା ଓ ମୂଲ୍ୟାୟନ କରିବା।
- ଆଇସିଟିକୁ ନିରାପଦ ଭାବରେ, ନୈତିକ ଓ ଆଇନ ଅନୁଯାୟୀ ବ୍ୟବହାର କରିବା।
- ଶ୍ରେଣୀକୁ ଅଧିକ ଅନ୍ତର୍ନିବେଶୀ କରିବା ପାଇଁ ଆଇସିଟିକୁ ବ୍ୟବହାର କରିବା।

ୟୁନେସ୍କୋ ଶିକ୍ଷକମାନଙ୍କ ପାଇଁ ଏକ ସୂଚନା ଯୋଗାଯୋଗ ଓ ପ୍ରଯୁକ୍ତିବିଦ୍ୟା ଦକ୍ଷତାର ଅଧିକାର ଆଧାର ପ୍ରସ୍ତୁତ କରିଛନ୍ତି।

## ପରିସ୍ଥିତି ଅଧ୍ୟୟନ ୧: ସାମ୍ପ୍ରତିକ ସ୍ଥିତିରେ ଶିକ୍ଷକମାନେ କେଉଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରୁଛନ୍ତି।

ଶ୍ରୀଯୁକ୍ତ ମହାନ୍ତି ୨୦ ବର୍ଷ ଧରି ଶିକ୍ଷକତା କରିଆସିଛନ୍ତି ଓ ୧୦ ବର୍ଷ ଧରି ବିଦ୍ୟାଳୟ ମୁଖ୍ୟ ଭାବେ କାମ କରିଛନ୍ତି। ତାଙ୍କ ପାଖରେ ୨ ଜଣ ନୂତନ ଯୁବ ଶିକ୍ଷକ ଅଛନ୍ତି। ଗତ ସପ୍ତାହରେ ସେ ସହକର୍ମୀମାନଙ୍କ କୋଠରୀକୁ ଯାଇଥିଲେ ଓ ସେମାନଙ୍କୁ ମୋବାଇଲ ଫୋନ୍‌ର ଚାରିପଟେ ବସିଥିବାର ଦେଖିଲେ। ପ୍ରଥମେ ସେ ଟିକେ ବିରକ୍ତ ହୋଇଥିଲେ ତେଣୁ ସେ ସେଠାରେ କ'ଣ ହେଉଛି ଜାଣିବା ପାଇଁ ଚାହିଁଲେ। କିନ୍ତୁ ସେ ଶୀଘ୍ର ବୁଝିପାରିଲେ ଯେ ତାଙ୍କର ଯୁବ ସହକର୍ମୀମାନଙ୍କର ଉପକରଣ ଓ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଶିକ୍ଷଣର ଉନ୍ନତି କରିବା ଉଚିତ୍।

ଉର୍ମିଳାଦେବୀଙ୍କର ଗୋଟିଏ ସ୍ମାର୍ଟଫୋନ୍ ଥିଲା ଓ ସେ ୟୁଟ୍ୟୁବ୍‌ରୁ ଗୋଟିଏ ସିନେମା ଡାଉନ୍‌ଲୋଡ କରିଥିଲେ। ଯେତେବେଳେ ମୁଁ ତାଙ୍କୁ ଏହା କାହିଁକି ଏତେ ଆଗ୍ରହାନ୍ୱିତ ବୋଲି ପଚାରିଲା ବେଳକୁ ମୋତେ ସେମାନେ ସିନେମାଟିକୁ ଦେଖାଇଲେ। ତାହା ଚନ୍ଦ୍ରପୃଷ୍ଠରେ ନିଲ୍ ଆର୍ମଷ୍ଟ୍ରଙ୍ଗ ଚାଲୁଥିବାର କ୍ଲିପ୍ ଥିଲା ସେମାନେ ଆଗ୍ରହାନ୍ୱିତ ଥିଲେ କାରଣ ମଙ୍ଗଳଗ୍ରହକୁ ଭାରତର ଅଭିଯାନର ଖବର ଚାରିଆଡ଼େ ପ୍ରସାରିତ ହୋଇଥିଲା। ଚନ୍ଦ୍ରପୃଷ୍ଠରେ ମଣିଷ କେବେ ପ୍ରଥମେ ଚାଲିଥିଲା ମନେରଖିବା ପାଇଁ ସେମାନେ ଖୁବ୍ ବୟସରେ ଛୋଟ ଥିଲେ।

ମୁଁ ଜାଣିବାକୁ ପାଇଲି ଯେ, ସେ ବର୍ଷ ନବମ ଶ୍ରେଣୀରେ ମାଧ୍ୟାକର୍ଷଣ ପଢ଼ାଯାଇଥିଲା। ତା'ପରେ ମୋ ମନକୁ ହଠାତ୍ ଧାରଣାଟିଏ ଆସିଲା ଯେ, ସେମାନଙ୍କୁ ଏହି ସିନେମାଟି ଦେଖାଇଲେ କେତେ ଭଲ ହେବ। ଯୁବ ଶିକ୍ଷକମାନେ ସେମାନଙ୍କର ଫୋନ୍‌କୁ କିପରି ବ୍ୟବହାର କରନ୍ତି ବୋଲି ପଚାରିଲି। ସବୁ ସମୟରେ ସେମାନେ ଇଣ୍ଟରନେଟ୍‌କୁ ବ୍ୟବହାର କରୁଥିଲେ କିନ୍ତୁ ସେମାନଙ୍କର ଶିକ୍ଷାଦାନରେ

ଇଣ୍ଟରନେଟ୍‌କୁ କିପରି ବ୍ୟବହାର କରିବେ ସେ ବାବଦରେ ଜମା ଭାବୁ ନ ଥିଲେ। ଯେତେବେଳେ ଶ୍ରେଣୀର ଅନ୍ୟମାନେ ପ୍ରସଙ୍ଗ ସମ୍ପର୍କିତ ଅନ୍ୟ କାମରେ ନିୟୋଜିତ ହୋଇଥିଲେ ସେହି ସମୟରେ ଛୋଟ ଦଳରେ ଶିକ୍ଷାର୍ଥୀ ସିନେମା ଦେଖିବା ପାଇଁ ଉତ୍ସାହିତ କରିଥିଲେ। ମୁଁ ଇଣ୍ଟରନେଟ୍ ବାବଦରେ ପ୍ରକୃତରେ କେତେ କମ୍ ଜାଣିଛି ତାହା ଅପ୍ରତ୍ୟାଶିତ ଭାବରେ ସମ୍ମୁଖୀନ ହେଲାପରେ ଜାଣିପାରିଲି।

ବିଦ୍ୟାଳୟରେ ମୋବାଇଲ ଫୋନ୍‌ର ବ୍ୟବହାର ସମ୍ପର୍କିତ ସମସ୍ୟାକୁ ପରିସ୍ଥିତି ଅଧ୍ୟୟନ ଆଲୋକପାତ କରାଯାଇଛି। କେତେକ ରାଜ୍ୟ ସରକାର ବିଦ୍ୟାଳୟରେ ମୋବାଇଲ ଫୋନ୍‌ର ବ୍ୟବହାରକୁ ସକ୍ରିୟ ଭାବରେ ନିରୁତ୍ସାହିତ କରିଛନ୍ତି। ଶିକ୍ଷକମାନେ ପଢ଼ାଉଥିବା ସମୟରେ ମୋବାଇଲରେ କଥାହେବା ବା ବାର୍ତ୍ତା ପଠାଇବା ଜଣେ ଶିକ୍ଷକଙ୍କ ପାଇଁ ସ୍ପଷ୍ଟ ଭାବେ ବୃତ୍ତି ବିରୋଧୀ କାମ ଅଟେ। ଯାହା ବି ହେଉ ମୋବାଇଲ ଫୋନ୍ ଏକ ଶକ୍ତିଶାଳୀ ସାଧନ ଅଟେ। ଶିକ୍ଷକମାନେ ମୋବାଇଲ ଫୋନ୍‌କୁ ଶିକ୍ଷଣରେ କିପରି ଉପଯୁକ୍ତ ଭାବରେ ବ୍ୟବହାର କରିବେ ସେ ବିଷୟରେ ଚିନ୍ତା କରିବା ଦରକାର। ଏହି ସମସ୍ୟାକୁ ଆପଣ ସତର୍କତା ସହ ଆଲୋଚନା କରାଯାଇପାରେ। ଶିକ୍ଷକମାନଙ୍କ ସହ କଥା ହୋଇ ଆପଣ ସ୍ପଷ୍ଟ କରନ୍ତୁ ଯେ ସେମାନେ ସମସ୍ତେ ବୃତ୍ତିର ଗୁରୁତ୍ୱକୁ ବୁଝିଛନ୍ତି। କିନ୍ତୁ ସେମାନଙ୍କର ଶିକ୍ଷାର୍ଥୀଙ୍କର ସୁବିଧା ପାଇଁ ମୋବାଇଲ ଫୋନ୍‌କୁ ବ୍ୟବହାର କରିବାରେ ଆପଣ ନମନୀୟ ହେବେ।

## ଶିକ୍ଷଣକାର୍ଯ୍ୟ ୧ : ପ୍ରଯୁକ୍ତି ବିଦ୍ୟାର ସମୀକ୍ଷା

ଏହି ଏକକର ଉଦ୍ଦେଶ୍ୟ ହେଉଛି ଯେ ଆପଣଙ୍କର ବିଦ୍ୟାଳୟରେ ପ୍ରଯୁକ୍ତିବିଦ୍ୟା କିପରି ଫଳପ୍ରଦ ଭାବେ ବ୍ୟବହାର ହୋଇପାରିବ ସେ ବିଷୟରେ ଆପଣ ଚିନ୍ତା କରିବା ଆରମ୍ଭ କରିବେ ଏବଂ ଆପଣଙ୍କୁ ଜାଣିବକୁ ହେବ ଯେ ଶିକ୍ଷକମାନେ ସେମାନଙ୍କ ଦୈନନ୍ଦିନ ଜୀବନରେ ଓ ଶିକ୍ଷାଦାନରେ ପ୍ରଯୁକ୍ତିବିଦ୍ୟାର କ'ଣ ବ୍ୟବହାର କରୁଥାଇପାରନ୍ତି।

୧. ସମ୍ବଳ ୧ରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର କରିବାକୁ ଶିକ୍ଷକମାନଙ୍କୁ କୁହନ୍ତୁ।
୨. ଆପଣଙ୍କ ଶିକ୍ଷଣ ଡାଏରୀରେ ମୁଖ୍ୟ ସମସ୍ୟାଗୁଡ଼ିକର ସାରାଂଶ ଲେଖନ୍ତୁ ଓ ଆପଣଙ୍କର ଶିକ୍ଷକମାନେ ସେମାନଙ୍କ ଦୈନନ୍ଦିନ ଜୀବନରେ ଓ କାର୍ଯ୍ୟକ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର କ'ଣ ବ୍ୟବହାର କରୁଛନ୍ତି ଓ ସେମାନଙ୍କ ପାଖରେ ପ୍ରଯୁକ୍ତିବିଦ୍ୟାର କେଉଁ କୌଶଳ ଅଛି ସେଥିପାଇଁ ଚିନ୍ତା ପ୍ରକଟ କରନ୍ତୁ।
୩. ପ୍ରତ୍ୟେକ ମୁଖ୍ୟ ସମସ୍ୟା ଓ ବିଷୟ ପାଇଁ କିପରି ପ୍ରଯୁକ୍ତିବିଦ୍ୟାର ପ୍ରବେଶ କିପରି ସମାଧାନର ରାସ୍ତା ଦେଖାଇବ ଚିନ୍ତା କରନ୍ତୁ। ସମ୍ବଳ ୨ରେ କେତେକ ପରାମର୍ଶ ଦିଆଯାଇଛି।
୪. ପ୍ରଯୁକ୍ତିବିଦ୍ୟାର କେଉଁ ଅଂଶଟି ଆପଣଙ୍କ ବିଦ୍ୟାଳୟର ଶିକ୍ଷାଦାନ ଓ ଶିକ୍ଷଣ କ୍ଷେତ୍ରରେ ସର୍ବାଧିକ ପ୍ରଭାବ ପକେଇଛି ?

### ଆଲୋଚନା :

ଆପଣଙ୍କର କେତେକ ଶିକ୍ଷକଙ୍କ ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରିବାର ବିଶ୍ୱାସ ଥିବ। କେତେକ ଏହାକୁ ବ୍ୟବହାର କରିବାରେ ଖୁବ୍ ଅଧିକ ପରାଦର୍ଶୀ ଥିବେ। ଆଉ କେତେକ ଭାବେ ଯେଉଁମାନେ ପ୍ରଯୁକ୍ତି ବିଦ୍ୟା ବିଷୟରେ ଜାଣିବାର କମ୍ ସୁଯୋଗ ଥିବ ଓ ବ୍ୟବହାର କରିବା ପାଇଁ ଖୁବ୍ କମ୍ କୌଶଳର ଅଧିକାରୀ ହୋଇଥିବେ କିନ୍ତୁ ସେମାନେ ଚେଷ୍ଟା କରିବା ପାଇଁ ଦୃଢ଼ ଥିବେ। ସେମାନଙ୍କ ମଧ୍ୟରୁ ଅନ୍ୟ କେତେକ ଥିବେ ଯେଉଁମାନଙ୍କ ପାଖରେ ବିଶ୍ୱାସର ଅଭାବ ଦେଖାଯାଉଥିବ ଓ ସମସ୍ୟାର ମୁକାବିଲା କରିବା ସମୟରେ ସେମାନେ ସହଜରେ କାମଟିକୁ ପରିତ୍ୟାଗ କରିବେ। ଆପଣଙ୍କର ଭୂମିକା ହେଉଛି ଶିକ୍ଷକମାନଙ୍କ ପାଇଁ ଏମିତି ପରିବେଶ ସୃଷ୍ଟି କରିବେ ଯେ ସେମାନେ ପରସ୍ପରଠୁ ଶିଖିବେ ଓ ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରିବାର ବିଶ୍ୱାସ ଯେପରି ସେମାନଙ୍କଠାରେ ଦେଖାଯିବ।

ଏହି ପ୍ରଶ୍ନାବଳୀ ଆପଣଙ୍କୁ ଏକ ଧାରଣା ଦେବ ଯେ ଆପଣଙ୍କ ଶିକ୍ଷକମାନେ ଏହି ଅଭିଳାଷର କେତେ ପାଖାପାଖି ଅଛନ୍ତି। ଏହା ମଧ୍ୟ ଆପଣଙ୍କୁ ଆଇସିଟିର ଚମ୍ପିଆନକୁ ଚିହ୍ନଟ କରିବାରେ ସମର୍ଥ କରିପାରେ। ଜଣେ ଶିକ୍ଷକ ଯିଏ କି ଖୁବ୍ ବିଶ୍ୱାସର ସହ ଆଇସିଟିକୁ ବ୍ୟବହାର କରନ୍ତି ଏବଂ ଯିଏ ଅନ୍ୟମାନଙ୍କୁ ପ୍ରଭାବିତ କରିବା ପାଇଁ ଆପଣଙ୍କୁ ସାହାଯ୍ୟ କରିବାରେ ସମର୍ଥ ହେବେ।

## ପରିସ୍ଥିତି ଅଧ୍ୟୟନ ୨ : ଲାପ୍‌ଟପ୍ ଓ ପ୍ରୋଜେକ୍ଟରର ବ୍ୟବହାର

ବିଦ୍ୟାଳୟର ମୁଖ୍ୟ ଶ୍ରୀମତୀ ମହାନ୍ତି ବିଦ୍ୟାଳୟରେ ଲାପ୍‌ଟପ୍‌କୁ ସେ କିପରି ଭାବରେ ବ୍ୟବହାର କରିଥିଲେ ଓ ଇଣ୍ଟରନେଟ୍‌ରୁ କିପରି ବିଭିନ୍ନ ସମ୍ବଳ ଓ ସୂଚନାଗୁଡ଼ିକ ଡାଉନ୍‌ଲୋଡ୍ କରିଥିଲେ ତାହା ବର୍ଣ୍ଣନା କରିଛନ୍ତି। ମୋର ଲାପ୍‌ଟପ୍ ହେଉଛି ମୋର ସବୁଠୁ ମୂଲ୍ୟବାନ ସମ୍ପତ୍ତି। ମୁଁ ସର୍ବଦା ତାକୁ ବ୍ୟବହାର କରେ। ମୁଁ ମୋ ସାଙ୍ଗ ଘରେ ମଧ୍ୟ ଇଣ୍ଟରନେଟ୍ ସଂଯୋଗ କରି ବିଦ୍ୟାଳୟ ପାଇଁ ଦରକାର ହେଉଥିବା ସାମଗ୍ରୀ ସବୁ ଡାଉନଲୋଡ କରିପାରେ। ବେଳେବେଳେ ସହର ମଝିରେ ଥିବା ହୋଟେଲକୁ ଯାଇ ଇଣ୍ଟରନେଟ୍ ସୁବିଧା ନେଇଥାଏ। ଇଣ୍ଟରନେଟ୍‌ରେ ଘଣ୍ଟାକ ପାଇଁ କାମ କରି କିଛି ଟଙ୍କା ଦେଇଥାଏ। ଗତ ସପ୍ତାହରେ ପଞ୍ଚମ ଶ୍ରେଣୀରେ ଦେଖେଇବା ପାଇଁ ଇଂରାଜୀ ଭାଷାର କାର୍ଟୁନ କ୍ଲିପ୍ ଡାଉନଲୋଡ୍ କରିଥିଲି।

ମୁଁ ଲାପ୍‌ଟପ୍‌କୁ ଟେବୁଲ ଉପରେ ରଖେ ଓ ଶିକ୍ଷାର୍ଥୀଙ୍କୁ ତଳେ ବସି ଦେଖିବା ପାଇଁ କୁହେ। କିନ୍ତୁ ଗତ କାର୍ଯ୍ୟକାଳରେ ମୁଁ କମ୍ପ୍ୟୁଟର ଯନ୍ତ୍ରପାତି ପାଇଁ ୩୦,୦୦୦ ଟଙ୍କା ଦାନ କରିବା ପାଇଁ ରୋଟାରୀ କ୍ଲବକୁ ପ୍ରବର୍ତ୍ତାଇଥିଲି। ଗୋଟିଏ ପ୍ରୋଜେକ୍ଟର ଓ ଗୋଟିଏ ସେଟ୍ ଲାଉଡ୍ ସ୍ପିକର କିଣିବା ପାଇଁ ସେହି ଟଙ୍କା ଖର୍ଚ୍ଚ କରିଥିଲି। ଆମେ ସମସ୍ତେ କାର୍ଟୁନ ଦେଖିଲୁ କିନ୍ତୁ ମୁଁ ଜାଣିପାରିଲି ଯେ ସେମାନେ ଇଂରାଜୀ ଉଚ୍ଚାରଣଗୁଡ଼ିକ ବୁଝିପାରୁ ନାହାନ୍ତି ଓ ଖୁବ୍ ଶୀଘ୍ର ଶୀଘ୍ର ଇଂରାଜୀରେ କଥାବାର୍ତ୍ତା ହେଉଥିବାରୁ ସେମାନେ ଧରିପାରୁ ନାହାନ୍ତି । ତେଣୁ ବିନା ଶବ୍ଦରେ ଆମେ କାର୍ଟୁନ୍ ଦେଖିଲୁ ଓ ସେ କାହାଣୀଟି ବିଷୟରେ କାମ କରିବାକୁ ଚେଷ୍ଟା କଲୁ। ସେହି କାମ କରିସାରିବା ପରେ କାହାଣୀରେ ବାରମ୍ବାର ଉଚ୍ଚାରିତ ହେଉଥିବା ମୁଖ୍ୟ ଶବ୍ଦଗୁଡ଼ିକ ସହିତ ସେମାନଙ୍କୁ ପରିଚିତ କରାଇଲି। ସେହି କାର୍ଟୁନ୍‌ଚିତ୍ର ପୁନର୍ବାର ଦେଖାଇଲି ଓ ସେହି ଶବ୍ଦକୁ ଚିହ୍ନଟ କରିବା ପାଇଁ କହିଲି। ତା'ପରେ ମୁଁ ଦେଖିଲି ଯେ ଏହା ଶିକ୍ଷାର୍ଥୀଙ୍କୁ ଇଂରାଜୀ ଶୁଣିବାରେ ଓ କହିବାରେ ଓ ବୁଝିବାରେ ବହୁତ ସାହାଯ୍ୟ କଲା।

ମୋ ବିଦ୍ୟାଳୟରେ ଅନ୍ୟ ଦୁଇଜଣ ଶିକ୍ଷକ ଅଛନ୍ତି ଓ ମୁଁ ସେମାନଙ୍କୁ ସେମାନଙ୍କ ପାଠରେ ଲାପ୍‌ଟପ୍‌କୁ କିପରି ବ୍ୟବହାର କରିବେ ସେଥିପାଇଁ ସାହାଯ୍ୟ କରିବାକୁ ଚାହିଁଲି। ଯାହାଫଳରେ ସେମାନେ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର ପାଇଁ କୌଶଳ ଓ ବିଶ୍ୱାସ ଲାଭ କରିବେ। ତତ୍‌ସହିତ ସେମାନଙ୍କର ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର ପାଇଁ କୌଶଳ ଓ ବିଶ୍ୱାସ ଲାଭ କରିବେ। ତତ୍‌ସହିତ ସେମାନଙ୍କର ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ ବ୍ୟବହାର ବ୍ୟାପକ ଭାବରେ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ସେମାନେ ମୋର ପାଠକୁ ଲକ୍ଷ୍ୟ କରୁଥିଲେ କିନ୍ତୁ ସେମାନେ ମୋତେ ଉଦାହରଣସ୍ୱରୂପ ପ୍ରଦୂଷଣର ନିର୍ଦ୍ଦିଷ୍ଟ କେତେକ ସମ୍ବଳ ବିଷୟରେ ପଚାରୁଥିଲେ ଯାହାକୁ ସେମାନେ ବ୍ୟବହାର କରିପାରିବେ।

ଇଣ୍ଟରନେଟ୍‌ରୁ ସମ୍ବଳଗୁଡ଼ିକୁ ଡାଉନଲୋଡ କରି ଶିକ୍ଷାର୍ଥୀଙ୍କୁ ଦେଖେଇବା ଦ୍ୱାରା ବିଦ୍ୟାଳୟରେ ପ୍ରଯୁକ୍ତିବିଦ୍ୟାର ଅଭିନବୀକରଣ ଓ ଉଦ୍‌ବେଗକୁ କିପରି ଅଣାଗଲା ତାହା ଘଟଣା ଅଧ୍ୟୟନରେ ଉଲ୍ଲେଖ କରାଯାଇଛି ଶ୍ରୀମତୀ ମହାନ୍ତି ଉପକରଣ କରିବାରେ କିଛି ଟଙ୍କା ବ୍ୟୟ କରିଥିଲେ (ଲାପ୍‌ଟପ୍, ସ୍ପିକର ଓ ପ୍ରୋଜେକଟର) ଯାହାକୁ ସେ ଶିକ୍ଷାର୍ଥୀଙ୍କ ଇଂରାଜୀ ଭାଷାରେ ଅଭିବୃଦ୍ଧି ପାଇଁ ବ୍ୟବହାର କରିଥିଲେ। ଡାଉନ୍‌ଲୋଡ୍ ସମ୍ବଳଗୁଡ଼ିକରୁ ଶିକ୍ଷାର୍ଥୀମାନେ କେବଳ ଲାଭବାନ୍ ହୋଇ ନ ଥିଲେ ସେମାନେ ଖେଳୁଥିବା ଉପକରଣ ହାର୍ଡୱେର ସମ୍ବନ୍ଧରେ ଜଣାଇବାରୁ ମଧ୍ୟ ଲାଭବାନ୍ ହୋଇଥିଲେ। ଲକ୍ଷ୍ୟ କରନ୍ତୁ ଜଣେ ବିଦ୍ୟାଳୟର ମୁଖ୍ୟ ଅଧିକ ଶିକ୍ଷାର୍ଥୀ କିପରି ଉପକୃତ ହେବେ ସେଥିପାଇଁ ସେ କେବଳ ତାଙ୍କର ଶିକ୍ଷାର୍ଥୀଙ୍କ ଉପରେ ଗୁରୁତ୍ୱ ନ ଦେଇ ତାଙ୍କର ସହକର୍ମୀଙ୍କ ସାମର୍ଥ୍ୟର ଅଭିବୃଦ୍ଧି ଓ ଆବଶ୍ୟକତାର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ।

## ୨ ବ୍ୟକ୍ତିଗତ ବ୍ୟବହାର ପାଇଁ ପ୍ରଯୁକ୍ତିବିଦ୍ୟା

ଇଣ୍ଟରନେଟ୍‌ରୁ ଆମେ ଅଧିକ ଜ୍ଞାନ ପାଇଥାଉ ଓ ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ ପ୍ରତ୍ୟେକଙ୍କ ପାଇଁ ସହଜ ହୋଇଥିବାରୁ ଶିକ୍ଷକମାନଙ୍କୁ ଡିଆଇଇଟିକୁ ଦୌଡ଼ିବାକୁ ପଡ଼ି ନ ଥାଏ। ଶିକ୍ଷକ ଓ ବିଦ୍ୟାଳୟର ମୁଖ୍ୟମାନେ ବର୍ତ୍ତମାନ ନିଜର ଶିକ୍ଷକର ଦାୟିତ୍ୱ ନେବା ପାଇଁ ଅଧିକ ଭଲ ସ୍ଥିତିରେ ଅଛନ୍ତି। ଯାହାକି ଶିକ୍ଷାର୍ଥୀଙ୍କ ସାମ୍ନାରେ ଆଦର୍ଶ ଆଚରଣ ପ୍ରଦର୍ଶନରେ ସାହାଯ୍ୟ କରିଥାଏ। ଆପଣଙ୍କ ନିଜର ବୃତ୍ତିଗତ ବିକାଶର ଦାୟିତ୍ୱ ନେବାର ପ୍ରଥମ ପଦକ୍ଷେପ ହେଉଛି ଶିକ୍ଷକମାନଙ୍କୁ ଇଣ୍ଟରନେଟ୍‌ରେ ଉପଲବ୍ଧ ମୁକ୍ତ ସମ୍ବଳଗୁଡ଼ିକ ବିଷୟରେ ଖୋଜିବାକୁ

ଉତ୍ସାହିତ କରିବା। କହିବା ଉଚିତ ହେବ ଆପଣ ଉପଯୋଗୀ ସମ୍ବଳ ଓ ନିଜ ପରିସ୍ଥିତିରେ ପୁର୍ନବିନିଯୋଗ କରିପାରିବା ଭଳି ସମ୍ବଳ ବିଷୟରେ ଆଲୋଚନା କରିବା ଉଚିତ୍ ହେବ।

ଭାରତରେ ଶିକ୍ଷକ ଓ ବିଦ୍ୟାଳୟର ମୁଖ୍ୟମାନଙ୍କ ପାଇଁ ଟେସ୍ ଇଣ୍ଡିଆ ୧୨୫ ଗୋଟ ମୁକ୍ତ ଶୈକ୍ଷିକ ସମ୍ବଳ ଯୋଗାଇଛି। ଏହି ସମ୍ବଳଗୁଡ଼ିକ ଦେୟମୁକ୍ତ ଅଟେ ଓ ସାଧାରଣ ଲାଇସେନ୍ସ ଅଛି। ଏହାର ଅର୍ଥ ହେଉଛି ଆପଣ ଏଗୁଡ଼ିକୁ ଡାଉନଲୋଡ କରିପାରିବେ ଓ ଆପଣଙ୍କ ଇଚ୍ଛାମୁତାବକ ବଦଳେଇ ଯେତେ ଇଚ୍ଛା ସେତେ ନକଲ କରିପାରିବେ। ସେଥିପାଇଁ ସେଗୁଡ଼ିକୁ ପାଇବା ସହଜ ଓ ଗ୍ରହଣୀୟ। ଆପଣ ସେଗୁଡ଼ିକୁ ନିଜ ପରିସ୍ଥିତିରେ ଆବଶ୍ୟକତା ମୁତାବକ ବଦଳେଇ ପ୍ରୟୋଗ କରିପାରିବେ। ଟେସ୍ ଇଣ୍ଡିଆ ମୁକ୍ତ ଶୈକ୍ଷିକ ସମ୍ବଳଗୁଡ଼ିକ ହୁଏତ ଅନ୍ୟ ମୁକ୍ତ ଶୈକ୍ଷିକ ସମ୍ବଳ ଖୋଜିବା ପାଇଁ ଏକ ଭଲ ଆରମ୍ଭ ହେବ କାରଣ ସେଗୁଡ଼ିକର ଗୁଣବତ୍ତା ଆନ୍ତର୍ଜାତିକ ସମୀକ୍ଷକଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିଛି।




ଚିତ୍ର ୩ – ଟେସ୍ ଇଣ୍ଡିଆ ୱେବ୍‌ସାଇଟ୍‌ରେ ବ୍ୟବହାର କରିବା ପାଇଁ ଏକକଗୁଡ଼ିକ ମୁକ୍ତ ଭାବେ ଉପଲବ୍ଧ ଅଟେ ।

## ଶିକ୍ଷଣକାର୍ଯ୍ୟ ୨ : ମୁକ୍ତ ଶୈକ୍ଷିକ ସମ୍ବଳଗୁଡ଼ିକୁ ଖୋଜିବା

ଆସନ୍ତାଥର ଯେତେବେଳେ ଆପଣ ଇଣ୍ଟରନେଟ୍‌ରେ ପ୍ରବେଶ କରିବେ, ଏହି ମୁକ୍ତ ଶୈକ୍ଷିକ ସମ୍ବଳଗୁଡ଼ିକୁ ଖୋଜିବେ।

୧. ଟେସ୍ ଇଣ୍ଡିଆ ୱେବ୍‌ସାଇଟ୍‌ରେ (http: //www.tess-indiaedu.in) ଉପଲବ୍ଧ ମୁଖ୍ୟ ସମ୍ବଳଗୁଡ଼ିକୁ ଦେଖନ୍ତୁ। ଆପଣଙ୍କ ବିଦ୍ୟାଳୟର ସମସ୍ୟାକୁ ସମାଧାନ କରିବାରେ ସାହାଯ୍ୟ କରିପାରିବା ଭଳି ଦୁଇ ବା ତିନିଗୋଟି ସମ୍ବଳକୁ ବାଛନ୍ତୁ। ଶିକ୍ଷକଙ୍କର ବିକାଶ ପାଇଁ ଦୁଇଟି ମୁକ୍ତ ଶୈକ୍ଷିକ ସମ୍ବଳ ଖୋଜନ୍ତୁ (ଗଣିତ, ବିଜ୍ଞାନ ବା ଭାଷା ଓ ସ୍ୱାକ୍ଷର) ଯାହା କି ଶିକ୍ଷକମାନଙ୍କୁ ସେମାନଙ୍କ ଶ୍ରେଣୀ କୋଠରୀରେ ପଢ଼ାଇବା ଧାରାରେ ସାହାଯ୍ୟ କରିବ।
୨. ଏହି ସାମଗ୍ରୀକୁ ଆପଣଙ୍କ ଶିକ୍ଷକମାନଙ୍କ ସହ ଆଲୋଚନା କରିବା ପାଇଁ ଶିକ୍ଷଣ ଡାଏରୀରେ ଯୋଜନା ପ୍ରସ୍ତୁତ କରନ୍ତୁ। ଉଦାହରଣସ୍ୱରୂପ ଯଦି ସେମାନଙ୍କର ଇମେଲ୍ ଠିକଣା ଥିବ, ତାହାହେଲେ ଆପଣ ସେମାନଙ୍କୁ ଲିଙ୍କ୍ ପଠାନ୍ତୁ। ଆପଣ ନିଜର

ଲାପ୍‌ଟପ୍‌ରେ ସମ୍ବଳଗୁଡ଼ିକୁ ଡାଉନ୍‌ଲୋଡ୍ କରି ଅନ୍ୟ ଶିକ୍ଷକମାନଙ୍କୁ ଦେଖାନ୍ତୁ।

୩. ଇଣ୍ଟରନେଟ୍‌ରେ ଉପଲବ୍ଧ ଅନ୍ୟ ମୁକ୍ତ ଶୈକ୍ଷିକ ସମ୍ବଳଗୁଡ଼ିକୁ ଖୋଜନ୍ତୁ। କେତେକ ୱେବ୍‌ସାଇଟ୍‌ର ପରାମର୍ଶ ସମ୍ବଳ ୩ରେ ଦିଆଯାଇଛି ସେଗୁଡ଼ିକୁ ଆପଣ ଖୋଜିବା ପାଇଁ ଚେଷ୍ଟା କରିପାରନ୍ତି।

୪. ପ୍ରତ୍ୟେକ ୱେବ୍‌ସାଇଟ୍‌ର ସମ୍ବଳଗୁଡ଼ିକୁ ଭଲଭାବେ ନିରୀକ୍ଷଣ କରନ୍ତୁ। ସମ୍ବଳ୩ ରେ ଏକ ତନଖି ତାଲିକା ଦିଆଯାଇଛି। ଆପଣଙ୍କ ବିଦ୍ୟାଳୟରେ ସମ୍ବଳଗୁଡ଼ିକ ଉପଯୋଗୀ ହୋଇପାରିବ କି ନାହିଁ ତାହା ସ୍ଥିର କରିବା ପାଇଁ ଆପଣ ଏହି ତନଖି ତାଲିକାକୁ ବ୍ୟବହାର କରିପାରିବେ।

**ଆଲୋଚନା**

ମୁକ୍ତ ଶୈକ୍ଷିକ ସମ୍ବଳଗୁଡ଼ିକ ହିଁ ସମ୍ବଳ ଅଟନ୍ତି ଯାହାକୁ ନମନୀୟ ଭାବେ ବ୍ୟବହାର କରିବା ପାଇଁ ପରିକଳ୍ପନା କରାଯାଇଛି। ସେଗୁଡ଼ିକୁ ବିଭିନ୍ନ ପ୍ରକାରରେ ଓ ବିଭିନ୍ନ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରିବାକୁ ଗ୍ରହଣ କରାଯାଇପାରେ। ନିଜର ଆବଶ୍ୟକତା ପୂରଣ କରିବା ପାଇଁ ସମ୍ବଳଗୁଡ଼ିକରେ ନିଜର ଧାରଣା ମିଶେଇ ବ୍ୟବହାର କରିପାରିବେ। ଏହି ସମ୍ବଳଗୁଡ଼ିକର ଦୋଷତ୍ରୁଟିକୁ ଓ ତା'ର ଗୁଣବତ୍ତାକୁ ମୂଲ୍ୟାୟନ କରିବାକୁ ଦେଖିବା ଗୁରୁତ୍ୱପୂର୍ଣ୍ଣ ଅଟେ। ବିଶ୍ୱସ୍ତରରେ ସ୍ୱାଧୀନତା ଦିଆଯାଇଥିବାରୁ ଯେ କେହି ବ୍ୟକ୍ତି ବି ଇଣ୍ଟରନେଟ୍‌ରେ ମୁକ୍ତ ଶୈକ୍ଷିକ ସମ୍ବଳ ବିଷୟରେ ଲେଖିପାରିବେ।

ବିଦ୍ୟାଳୟର ମୁଖ୍ୟ ଶ୍ରୀମତୀ ଅପରାଜିତା ନୂତନ କୌଶଳ ଶିଖିବା ପାଇଁ କିପରି ଇଣ୍ଟରନେଟ୍‌କୁ ବ୍ୟବହାର କରିଥିଲେ ଓ ସେଗୁଡ଼ିକ ନିଜ ବିଦ୍ୟାଳୟରେ ପାଠ୍ୟକ୍ରମ ସହିତ ସମ୍ପର୍କିତ କରି ଶିକ୍ଷାର୍ଥୀଙ୍କ ପାଇଁ ବ୍ୟବହାର କରିଥିଲେ ତାହା ଘଟଣା ଅଧ୍ୟୟନ ୩ରେ ଉଲ୍ଲେଖ କରାଯାଇଛି। ପରିସ୍ଥିତି ଅଧ୍ୟୟନ ୪ରେ ବ୍ରହ୍ମବାବୁ ନିଜର କମ୍ପ୍ୟୁଟର ଓ ଇଣ୍ଟରନେଟ୍ ସାହାଯ୍ୟରେ ପ୍ରଶାସନିକ ଆହ୍ୱାନଗୁଡ଼ିକୁ ବିଦ୍ୟାଳୟ ମୁଖ୍ୟ ଭାବେ ସମାଧାନ କରିଥିଲେ ତାହା ଉଲ୍ଲେଖ ହୋଇଛି।

## ପରିସ୍ଥିତି ଅଧ୍ୟୟନ ୩ : ଇଣ୍ଟରନେଟ୍ ବ୍ୟବହାର ମାଧ୍ୟମରେ ଶ୍ରୀମତୀ ଅପରାଜିତାଙ୍କ ଜ୍ଞାନ ଓ କୌଶଳ ଗଠନ

ଶ୍ରୀମତୀ ଅପରାଜିତାଙ୍କ ଜ୍ଞାନ ଓ କୌଶଳ ଗଠନ ସହରଠୁ ୩୫ କି.ମି. ପାଖାପାଖି ଏକ ପ୍ରାରମ୍ଭିକ ବିଦ୍ୟାଳୟରେ ବେଲମତୀ କାମ କରନ୍ତି।

ମୁଁ ଯେଉଁ ରାଜ୍ୟରେ ବଢ଼ିଥିଲି ସେହିଠି ନୁହେଁ ଏକ ଭିନ୍ନ ଭିନ୍ନ ରାଜ୍ୟରେ ବିଦ୍ୟାଳୟଟି ଅବସ୍ଥିତ ଯାହା କି ସହରର ସମସ୍ତ ସୁବିଧାରୁ ବଞ୍ଚିତ ତଥାପି ମୁଁ ମୋ ବିଦ୍ୟାଳୟରେ କାମ କରିବାକୁ ଭଲପାଏ। ମୁଁ ସେହି ସହରରେ ରହିବାକୁ ପସନ୍ଦ କଲି ଓ ପ୍ରତିଦିନ ବିଦ୍ୟାଳୟକୁ ବସ୍‌ରେ ଯାଏ। ମୁଁ ସହରରେ ଇଣ୍ଟରନେଟ୍ ସୁବିଧାକୁ ପାଇବା ପାଇଁ ଏଭଳି ଭାବେ ଯିବା ଆସିବା କରୁଥିଲି। ମୋର ଗୋଟାଏ ଲାପ୍‌ଟପ୍ ଥିଲା ଓ ମୁଁ ତାକୁ ସବୁ ସମୟରେ ବ୍ୟବହାର କରିଥାଏ।

ମୁଁ ଯେତେବେଳେ ଚାରିବର୍ଷ ପୂର୍ବେ ବିଦ୍ୟାଳୟରେ ଯୋଗଦାନ କଲି। ଦେଖିଲି ଯେ ଉପସ୍ଥାପନରେ ଶତକଡ଼ା ୬୯ ଭାଗ ଶିକ୍ଷାର୍ଥୀଙ୍କ ନାମ ଥିଲା କିନ୍ତୁ ପ୍ରକୃତରେ ଶତକଡ଼ା ୪୦ ଭାଗ ଶିକ୍ଷାର୍ଥୀ ପ୍ରତିଦିନ ବିଦ୍ୟାଳୟକୁ ଆସୁଥିଲେ। ଶିକ୍ଷାର୍ଥୀମାନେ ବିଦ୍ୟାଳୟକୁ ନ ଆସିବାର କାରଣ ଜାଣିବା ପାଇଁ ସେମାନଙ୍କ ପରିବାର ପାଖକୁ କଥାବାର୍ତ୍ତା ହେବା ପାଇଁ ଗଲି ଓ ଜାଣିବାକୁ ପାଇଲି ଯେ ଶିକ୍ଷାର୍ଥୀମାନେ ବିଦ୍ୟାଳୟରେ ବିରକ୍ତିକର ଅନୁଭବ କରୁଛନ୍ତି। ସେମାନେ ସେଠାରେ ଯାହା ଶିଖୁଥିଲେ ତା'ର କୌଣସି ସମ୍ପର୍କ ବାସ୍ତବ ଜୀବନ ସହିତ ଦେଖିପାରୁ ନ ଥିଲେ। ମୁଁ ସମୟ ନିର୍ଘଣ୍ଟକୁ ବଦଳେଇବାକୁ ସ୍ଥିର କଲି ଓ ପ୍ରତିଦିନ ସମବେତ ସଭା ପରେ ଓ ମଧ୍ୟାହ୍ନଭୋଜନ ପରେ ଦୁଇଟି ଶିକ୍ଷଣ କାର୍ଯ୍ୟ ପିରିୟଡ ରଖିଲି।

ଗାଁଟି ପାରମ୍ପରିକ କଳା ଓ ହସ୍ତକର୍ମରେ ନିପୁଣ ଥିଲେ। ମୁଁ ପାରମ୍ପରିକ କଳା ଓ ହସ୍ତକର୍ମ କୌଶଳ ବିଷୟରେ ଇଣ୍ଟରନେଟ୍ ମାଧ୍ୟମରେ ଅଧିକ ଶିଖିଲି। ୟୁଟ୍ୟୁବ୍‌ର ଚଳଚ୍ଚିତ୍ରକୁ ବ୍ୟବହାର କରି ମୁଁ ନିଜେ ନିଜେ ଦକ୍ଷତା ହାସଲ କରିବା ପାଇଁ ପଢ଼ିଲି ଓ ଶିକ୍ଷଣ କାର୍ଯ୍ୟ

ପିରିୟଡରେ ଶିକ୍ଷାର୍ଥୀଙ୍କ ପାଇଁ କେତେକ ପ୍ରକଳ୍ପ ଚିନ୍ତା କଲି ଏହି ଶିକ୍ଷଣ କାର୍ଯ୍ୟ ପିରିୟଡ଼ଗୁଡ଼ିକ ଜନପ୍ରିୟ ହୋଇଥିଲା। ବର୍ତ୍ତମାନ ୨୫୭ ଶିକ୍ଷାର୍ଥୀଙ୍କ ନାମ ଉପସ୍ଥାନ ଖାତାରେ ଅଛି ଓ ଶତକଡ଼ା ୯୦ ପ୍ରତିଶତ ଶିକ୍ଷାର୍ଥୀ ଉପସ୍ଥିତ ରହୁଥିଲେ। ପୂର୍ବରୁ କଳା ଓ ହସ୍ତକର୍ମ ଉପରେ ଅଧ୍ୟୟନ କରି ନ ଥିଲେ ମଧ୍ୟ ମୁଁ ଏଥିରେ ନିପୁଣତା ହାସଲ କରିଥିଲି।

## ପରିସ୍ଥିତି ଅଧ୍ୟୟନ ୪ : ବିଦ୍ୟାଳୟ ମୁଖ୍ୟଙ୍କ ଭୂମିକାରେ ବ୍ରହ୍ମବାବୁଙ୍କୁ ତାଙ୍କର ଲାପ୍‌ଟପ୍ ସାହାଯ୍ୟ କରିଥିଲା।

ବ୍ରହ୍ମବାବୁ ଜଣେ ବିଦ୍ୟାଳୟର ମୁଖ୍ୟ ଅଟନ୍ତି ଯିଏ କି ଗ୍ରାମାଞ୍ଚଳର ଏକ ଛୋଟ ମାଧ୍ୟମିକ ବିଦ୍ୟାଳୟରେ ନଅଜଣ ଶିକ୍ଷକଙ୍କ ସହ କାମ କରନ୍ତି। ତାଙ୍କର ନିଜସ୍ୱ ଲାପ୍‌ଟପ୍ ଥିଲା। ଯେତେବେଳେ ମୁଁ ବିଦ୍ୟାଳୟର ମୁଖ୍ୟ ଭାବେ କାମ କରିବାକୁ ଆରମ୍ଭ କଲି, ଏତେ ଅଧିକ ପରିମାଣର ପ୍ରଶାସନିକ କାମ କରିବାକୁ ହେବ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲି। କାର୍ଯ୍ୟାଳୟରେ ଫାଇଲ ଭର୍ତ୍ତି ହୋଇଥିଲା ଓ ସେଗୁଡ଼ିକୁ ଠିକଣା କରିବା କଷ୍ଟକର ହୋଇଥିଲା, ମୋର ନିଜର ଲାପ୍‌ଟପ୍ ଥିଲା ଓ ମୋ ସାଙ୍ଗର ଘରେ ମୁଁ ଇଣ୍ଟରନେଟ୍‌କୁ ବ୍ୟବହାର କରିପାରିବି। ପ୍ରଶାସନିକ କାର୍ଯ୍ୟରେ ମୁଁ ମୋର ଲାପ୍‌ଟପ୍‌ର କିପରି ସାହାଯ୍ୟ ନେବି ତା'ର ଉପାୟ ଖୋଜିବାକୁ ଚାହିଁଲି। ଶିକ୍ଷକମାନଙ୍କ ଦ୍ୱାରା ସଂଗୃହୀତ ହୋଇଥିବା ତଥ୍ୟକୁ ଦେଖିବା ପାଇଁ ମୁଁ ଗୋଟିଏ ଗାରପକା କାଗଜ ବ୍ୟବହାର କରିବାକୁ ସ୍ଥିର କଲି।

ପ୍ରଥମେ ମତେ ସେ ଧାଡ଼ିକରା କାଗଜକୁ କିପରି ବ୍ୟବହାର କରିବି ତାହା ଶିଖିବାକୁ ପଡ଼ିଲା। ମୋ କମ୍ପ୍ୟୁଟରରେ ସ୍ପ୍ରେଡ୍‌ସିଟ୍‌କୁ ବ୍ୟବହାର କରି ତଥ୍ୟ ପୂରଣ କରିବା ପାଇଁ ଶିକ୍ଷକମାନଙ୍କୁ କହିଲି। ମୁଁ ଅଙ୍କ, ହାରାହାରି ହିସାବ ଓ ଗ୍ରାଫ୍‌କୁ ଏପଟ ସେପଟ କରିପାରିବି। ଏଭଳି ବିଶ୍ଳେଷଣ କରିବା ଫଳରେ ମୁଁ ଲକ୍ଷ୍ୟ କଲି ଯେ ବିଜ୍ଞାନ ଶିକ୍ଷକମାନେ ବାହାରେ ପଢ଼ାଇବା ଦ୍ୱାରା ବିଜ୍ଞାନ ପରୀକ୍ଷଣ ଫଳରେ ବହୁତ ତାରତମ୍ୟ ଦେଖାଯାଉଛି।

ମୋର ଦୁଇଜଣ ବିଜ୍ଞାନ ଶିକ୍ଷକ ଥିଲେ। ଜଣେ ଶାରୀରିକ ବିଜ୍ଞାନ ଓ ଅନ୍ୟ ଜଣକ ଜୀବ ବିଜ୍ଞାନ ଅଧ୍ୟୟନ କରିଥିଲେ କିନ୍ତୁ ସେମାନଙ୍କୁ ପୂରା ସିଲାବସ୍ ପଢ଼େଇବାକୁ ପଡୁଥିଲା। ବିଜ୍ଞାନର କେତେକ ଧାରଣାକୁ ସ୍ପଷ୍ଟ ରୂପେ ବୁଝେଇବା ପାଇଁ ଅନ୍‌ଲାଇନ୍‌ରେ କେତେକ ସାମଗ୍ରୀକୁ ଖୋଜି ପାଇଲି। ଗତ ସପ୍ତାହରେ ମୁଁ ସେମାନଙ୍କ ଶ୍ରେଣୀରେ ଶିକ୍ଷାଦାନ କଲି ଓ ପ୍ରତିଶିକ୍ଷକଙ୍କୁ ମୋର ଲାପ୍‌ଟପ୍ ଘଣ୍ଟାଏ ସମୟ ପାଇଁ ବ୍ୟବହାର କରିବାକୁ ଦେଲି। ମୁଁ କେତେକ ଭିଡ଼ିଓ ଡାଉନଲୋଡ୍ କରିଥିଲି ଯେଉଁଗୁଡ଼ିକୁ ସେମାନେ ବହି ବାହାରେ ପଢ଼ିପାରିବେ। ମୁଁ ସେମାନଙ୍କୁ ମାଉସ୍ ଫାଇଲ ଖୋଲିବା ଓ ବନ୍ଦ କରିବା ଓ ସାମଗ୍ରୀକୁ କିପରି ଖୋଜିବେ ସେ ବିଷୟରେ ବତେଇଲି। ପରବର୍ତ୍ତୀ ପ୍ରସଙ୍ଗକୁ ଉଭୟେ ସୁନ୍ଦର ଭାବରେ ପଢ଼େଇ ପାରିବେ ବୋଲି କହିଲେ। ସେମାନେ ମୋର ଲାପ୍‌ଟପ୍‌କୁ ସେମାନଙ୍କ ଶ୍ରେଣୀରେ ବ୍ୟବହାର କରିବା ପାଇଁ ମତେ ଅନୁମତି ମାଗିଲେ।

## ଶିକ୍ଷଣକାର୍ଯ୍ୟ ୩ : ନିଜର ଶିକ୍ଷଣ ଆବଶ୍ୟକତା ବିଷୟରେ ଚିନ୍ତା କରନ୍ତୁ।

ନିଜର ଆଇସିଟି କୌଶଳ ବିଷୟରେ ଚିନ୍ତା କରନ୍ତୁ। ଆପଣ କେଉଁ କୌଶଳର ବିକାଶ କରିବାକୁ ଚାହୁଁଛନ୍ତି। ଏହି କୌଶଳଗୁଡ଼ିକର ବିକାଶ ଆପଣ କିପରି ଭାବରେ କରିପାରିବେ ? ଆପଣଙ୍କୁ ସାହାଯ୍ୟ କରିବା ପାଇଁ କେହି ଜଣେ ଶିକ୍ଷକ ଅଛନ୍ତି କି ?

ଏହି ଏକକରେ ଏ ଯାଏଁ ପଢ଼ିଥିବା ସମସ୍ତ ବିଷୟକୁ ବ୍ୟବହାର କରି ଚିନ୍ତା କରନ୍ତୁ ଯେ ବିଦ୍ୟାଳୟର ମୁଖ୍ୟ ଭାବେ ଆପଣ ଏଗୁଡ଼ିକ ନିଜର ସହାୟତା ପାଇଁ ବା ବୃତ୍ତିଗତ ବିକାଶରେ କିପରି ଭାବରେ ବ୍ୟବହାର କରିପାରିବେ।

- ଗୋଟିଏ ଲାପ୍‌ଟପ୍ ଯେଉଁଥିରେ ୱାର୍ଡ ପ୍ରୋସେସିଙ୍ଗ, ସ୍ପ୍ରେଡ୍‌ସିଟ୍ ଓ ପ୍ରେଜେଣ୍ଟେସନ୍ କାର୍ଯ୍ୟକ୍ରମ ଥିବ।
- ଲାପ୍‌ଟପ୍‌ରେ ଇଣ୍ଟରନେଟ୍‌କୁ ସଂଯୋଗ କରିବା ପାଇଁ ୱାଇଫି ସୁବିଧା ଥିବ।
- ଗୋଟିଏ ମୋବାଇଲ ଫୋନ୍ ଯେଉଁଥିରେ ଇଣ୍ଟରନେଟ୍ ଉପଲବ୍ଧ ନ ଥିବ।
- ଗୋଟିଏ ସ୍ମାର୍ଟ ଫୋନ୍
- ଗୋଟିଏ ଟେବ୍‌ଲେଟ୍

- ଗୋଟିଏ ଏଲ୍‌ସିଡି ପ୍ରୋଜେକ୍ଟର

ଆପଣଙ୍କ ବିଦ୍ୟାଳୟରେ କେଉଁସବୁ ଉପକରଣ ରଖିବାକୁ ପସନ୍ଦ କରିବେ ତାର ତାଲିକା ଶିକ୍ଷଣ ଡାଏରୀରେ କରନ୍ତୁ। ଆପଣ ପ୍ରସ୍ତୁତ କରିଥିବା ତାଲିକାରେ ଲକ୍ଷ୍ୟ କରନ୍ତୁ ଯେ ପ୍ରତ୍ୟେକ ଉପକରଣ ପାଇଁ କେତେଟଙ୍କା ଖର୍ଚ୍ଚ ହେବ। ବର୍ତ୍ତମାନ ଆପଣଙ୍କ ସମ୍ପର୍କିତ ଥିବା ବ୍ୟକ୍ତି ଓ ଗୋଷ୍ଠୀକୁ ମନେ ପକାନ୍ତୁ। କିଛି ଦଳ ଅଛନ୍ତି କି ଯେଉଁମାନେ ଏହି ଉପକରଣ ଯୋଗାଇଦେବାରେ ଆପଣଙ୍କୁ ସାହାଯ୍ୟ କରିପାରିବେ। ଆପଣ ପାଣ୍ଠି ପାଇବା ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ତାଲିକାକୁ ଆପଣଙ୍କୁ ସାହାଯ୍ୟ କରିବ ଓ ଯେଉଁମାନେ ଏହି ଉପକରଣ ଦେବେ ସେମାନଙ୍କୁ ନଜରରେ ରଖନ୍ତୁ।

**ଆଲୋଚନା**

ପ୍ରତିଦିନ ପ୍ରଶାସନିକ କାର୍ଯ୍ୟଗୁଡ଼ିକୁ ସହଜରେ ଓ ଅଧିକ ଫଳପ୍ରଦ ଭାବେ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଆପଣଙ୍କୁ ସହାୟତା ଯୋଗାଇପାରିବ। ଉଦାହରଣସ୍ୱରୂପ ପରୀକ୍ଷଣମାର୍କକୁ ସସଂଗତ ଭାବେ ବିଶ୍ଳେଷଣ କରିବ। ବ୍ରହ୍ମବାବୁ ଘଟଣା ଅଧ୍ୟୟନ ୪ରେ ସମସ୍ୟାକୁ ଚିହ୍ନଟ କରିବାରେ ସମର୍ଥ ହୋଇଥିଲେ ଓ ତା'ର ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ।

ବୃତ୍ତିଗତ ବିକାଶ ପାଇଁ ଇଣ୍ଟରନେଟ୍ ଏକ ସୂଚନା ଓ ସାମଗ୍ରୀର ଉତ୍ସ ଅଟେ। ଉପଯୁକ୍ତ ବିଶ୍ୱାସଯୋଗ୍ୟ ପ୍ରଶିକ୍ଷଣ ପାଠ୍ୟ ଅପେକ୍ଷା ଆପଣଙ୍କ ଶିକ୍ଷଣ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବା ଓ ସହାୟତା ଦେବା ପାଇଁ ଏହି ସମ୍ବଳଗୁଡ଼ିକ ଉପଲବ୍ଧ ଅଟେ।

ଯେତେବେଳେ ଆପଣ ପସନ୍ଦ କରୁଥିବା ହାର୍ଡୱେର ବିଷୟରେ ଚିନ୍ତା କରିବେ, ସେତେବେଳେ ତା'ର ଭରଣପୋଷଣ/ମରାମତି ପାଇଁ ଆବଶ୍ୟକ ହେଉଥିବା ଖର୍ଚ୍ଚ ବାବଦରେ ମଧ ଚିନ୍ତା କରନ୍ତୁ। ତେଣୁ ବ୍ୟୟ ଅଟକଳ ପ୍ରସ୍ତୁତ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ଓ ଏଥିରେ ଆପଣଙ୍କ ଉପକରଣକୁ ମରାମତି କରିପାରୁଥିବା ବ୍ୟକ୍ତିଙ୍କୁ ସାମିଲ କରିବେ।

ଏହି ବିଭାଗ ପ୍ରଯୁକ୍ତିବିଦ୍ୟାର ବ୍ୟକ୍ତିଗତ ବ୍ୟବହାର ଉପରେ ପ୍ରଚ୍ଛନ୍ନ ଭାବେ ଆଲୋକପାତ କରିଛି। ନୂତନ କୌଶଳ ଶିଖିବା, ନୂତନ ସାଧନ ଯୋଗାଇବା ଓ ମୁକ୍ତ ଭାବେ ଶିକ୍ଷଣ ସାମଗ୍ରୀ ଉପଲବ୍ଧ କରିବାର ସୁଯୋଗ ସୃଷ୍ଟି କରିବା। ଆପଣଙ୍କ ଦ୍ୱାରା ପ୍ରଯୁକ୍ତିବିଦ୍ୟାର ଅନ୍ୟାନ୍ୟ ସମ୍ଭାବ୍ୟ ବ୍ୟବହାରରେ ନିମ୍ନରେ ଦିଆଯାଇଥିବା ବିନ୍ଦୁଗୁଡ଼ିକୁ ଅନ୍ତର୍ଭୁକ୍ତ କରିପାରିବେ।

- ଶିକ୍ଷାର୍ଥୀମାନଙ୍କର ଫଟୋ ଉଠାଇ ସେମାନଙ୍କୁ ନିଜ ବନ୍ଧୁକର ସମୀକ୍ଷା କରିବାକୁ ଉତ୍ସାହିତ କରିବା ଓ ମାତାପିତାଙ୍କୁ ଦେଖାଇବା।
- ଆପଣ କରିଥିବା କାମର ପ୍ରଚାର ପ୍ରସାର ପାଇଁ ଭିଡ଼ିଓ କରିବା ଓ ପାଣ୍ଠି ଦେଇଥିବା ଦାତାଙ୍କୁ ଦେଖାଇବା।
- ଅନ୍ୟ ବିଦ୍ୟାଳୟର ମୁଖ୍ୟଙ୍କ ସହ ଯୋଗାଯୋଗ ଓ ସହଭାଗିତା ମାଧ୍ୟମରେ କାମ କରିବା ପାଇଁ ଅନ୍‌ଲାଇନ୍‌ରେ ଯୋଗଦେବା।
- ଆପଣଙ୍କ ବିଦ୍ୟାଳୟରେ କରିଥିବା କାମର ଦସ୍ତାବିଜ୍ ଓ ବିଦ୍ୟାଳୟ ପରିଚାଳନା କମିଟି ସାମ୍ନାରେ ଉପସ୍ଥାପନ କରିବେ।
- ସାମ୍ପ୍ରତିକ ଶିକ୍ଷା କ୍ଷେତ୍ରରେ ଘଟୁଥିବା ଘଟଣା ସମ୍ପର୍କରେ ଓ ଅନ୍ୟମାନେ ସମସ୍ୟାଗୁଡ଼ିକୁ କିପରି ସମାଧାନ କରୁଛନ୍ତି ସେ ବାବଦରେ ଖବର ରଖିବେ।
- ନୂତନ କୌଶଳର ବିକାଶ ପାଇଁ ଆପଣ ଆପଣଙ୍କର ଶିକ୍ଷକମାନଙ୍କୁ ଉତ୍ସାହିତ କରିବେ।
- ଶିକ୍ଷକମାନଙ୍କ ସହିତ କଥାବାର୍ତ୍ତା ହେବା ପାଇଁ ବାର୍ତ୍ତା ପ୍ରେରଣ କରିବେ।

## ୩ ଶିକ୍ଷକମାନଙ୍କୁ ପ୍ରଯୁକ୍ତିବିଦ୍ୟା ବ୍ୟବହାରରେ ସହାୟତା ପ୍ରଦାନ

ଶିକ୍ଷଣକାର୍ଯ୍ୟ ୧ରେ ବ୍ୟବହୃତ ହୋଇଥିବା ପ୍ରଶ୍ନାବଳୀରୁ ଜଣାପଡୁଛି ଯେ ଆପଣଙ୍କର ଶିକ୍ଷକମାନଙ୍କ ପାଖରେ ଆଇସିଟି ବ୍ୟବହାର ଉପରେ ଅନେକ ପ୍ରକାରର ଦକ୍ଷତା ଓ ଅଭିଜ୍ଞତା ଅଛି ଯାହାକୁ ଆମେ "ଡିଜିଟାଲ ସାକ୍ଷର" କହିପାରିବା। ଆପଣଙ୍କର ଭୂମିକା ହେଉଛି

ସେମାନଙ୍କର ଜ୍ଞାନକୁ ବୃତ୍ତିଗତ ଶିକ୍ଷଣରେ ବ୍ୟବହାର କରିବା ପାଇଁ ଉତ୍ସାହିତ କରିବା। ଶିକ୍ଷଣକୁ ସହାୟତା ଦେବା ପାଇଁ ସେମାନେ ପ୍ରଯୁକ୍ତି ବିଦ୍ୟାକୁ ଶ୍ରେଣୀରେ କିପରି ବ୍ୟବହାର କରିବେ ତାହା ବୁଝିବା ଉଚିତ୍।

ଆଇସିଟିରେ ଶିକ୍ଷକମାନଙ୍କୁ ଚାରିଗୋଟି ଶ୍ରେଣୀ ବିଭାଗରେ ବିଭକ୍ତ କରି ପ୍ରଶିକ୍ଷଣ ଦେଲେ ତାହା ସେମାନଙ୍କର ଉପକାରରେ ଆସିବ। ନିମ୍ନରେ ସେଗୁଡ଼ିକ ଉଲ୍ଲେଖ କରାଯାଇଛି (ଷ୍ଟେକେଟି, ୨୦୦୫ରୁ ଉଦ୍ଧୃତ ଓ ଗ୍ରହଣୀୟ)

- **ଆଇସିଟି ମୁଖ୍ୟ କୌଶଳର ବିକାଶ :** ଡକୁମେଣ୍ଟକୁ ବନ୍ଦ କରିବା, ଖୋଲିବା ଓ ମାଉସ୍‌ର ବ୍ୟବହାର ପାଇଁ ଆପଣଙ୍କର କେତେକ ଶିକ୍ଷକ ସମ୍ଭବତଃ ସାହାଯ୍ୟ ଆବଶ୍ୟକ କରିପାରନ୍ତି। ସେମାନଙ୍କ ମଧ୍ୟରେ ଆଇସିଟିର ବ୍ୟବହାର ଓ ଏହାର ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ କିପରି ଉପକାରରେ ଆସିବ ସେଥିପ୍ରତି ବିଶ୍ୱାସ ଜନ୍ମାଇବା ହିଁ ଆପଣଙ୍କ ପାଇଁ ଏକ ଆହ୍ୱାନ ଅଟେ।
- **ଶିକ୍ଷା ବିଜ୍ଞାନ କୌଶଳ ବିକାଶ ପାଇଁ ଆଇସିଟିକୁ ବ୍ୟବହାର କରିବା :** ଜାତୀୟ ପାଠ୍ୟକ୍ରମ ଆଧାର (NCF 2005) ଦ୍ୱାରା ଅଂଶଗ୍ରହଣ ଭିତ୍ତିକ ଶିକ୍ଷଣ ପ୍ରୋତ୍ସାହିତ କରାଯାଇଛି ଏବଂ ଏହାକୁ ବିଦ୍ୟାଳୟରେ ଆଇସିଟି ସହାୟତା ପ୍ରଦାନ କରିପାରେ। ଏହା ଘୋଷା ପଦ୍ଧତିରୁ ଦୂରକୁ ନେଇଥାଏ। ସମସ୍ୟା ସମାଧାନ, ପ୍ରଶ୍ନ ପଚାରିବା, ସଙ୍ଗଠିତ, ମୂଲ୍ୟାୟନ ଓ ଜ୍ଞାନ ସଙ୍ଗଠନ ଭଳି ଅଧିକ ଉନ୍ନତ ମାନର ଦକ୍ଷତା ହାସଲରେ ସହାୟକ ହୋଇପାରେ। ଆଇସିଟି ଅନ୍ତର୍ନିବେଶୀକୁ ପ୍ରୋତ୍ସାହିତ କରିପାରେ (କେନ୍ଦ୍ରୀୟ ଶିକ୍ଷା ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ୨୦୧୩) ଓ ନିଶ୍ଚିତ କରେ ଯେ ଅବହେଳିତ ଦଳ ଯେପରି ସାମଗ୍ରୀ ଓ ସମ୍ବଳ ବ୍ୟବହାର କରିବେ । ଛୋଟ ଭିଡ଼ିଓ ମାଧ୍ୟମରେ ଆଲୋଚନାକୁ ଉସକାଯାଇପାରେ। ଶିକ୍ଷାର୍ଥୀମାନେ ସେମାନଙ୍କର ନିଜସ୍ୱ ପ୍ରେଜେନ୍‌ଟେସନ୍ ସୃଷ୍ଟି କରିପାରିବେ। ଶିକ୍ଷାର୍ଥୀମାନେ ପୃଥିବୀର ଅନ୍ୟସ୍ଥାନରେ ରହୁଥିବା ଶିକ୍ଷାର୍ଥୀମାନଙ୍କ ସହ ସହଭାଗୀ ହୋଇପାରିବେ ଓ ଯୋଗାଯୋଗ ରଖିପାରିବେ। ସେମାନେ ଯେତେବେଳେ ନିପୁଣ ହୋଇଯିବେ, ଶିକ୍ଷକ ଓ ଶିକ୍ଷାର୍ଥୀ ମଧ୍ୟରେ ସମ୍ପର୍କ ସେତେବେଳେ ଗଣତାନ୍ତ୍ରିକ ହେବ ଓ ଶିକ୍ଷାର୍ଥୀମାନେ ସେମାନଙ୍କର ଆତ୍ମପ୍ରତ୍ୟୟର ବିକାଶ କରିବେ। ଯଦି ଆପଣ ବିଦ୍ୟାଳୟ ପାଇଁ ପ୍ରଯୁକ୍ତିବିଦ୍ୟା ଉପକରଣ କିଣିବା ପାଇଁ ଚାହୁଁଛନ୍ତି ତାହାହେଲେ ସେଗୁଡ଼ିକ କିପରି ଶିକ୍ଷକମାନଙ୍କୁ ସେମାନଙ୍କର ଶିକ୍ଷାଦାନରେ ସାହାଯ୍ୟ କରିବ ସେ ଦୃଷ୍ଟିରୁ ଆପଣ ଟିକେ ଚିନ୍ତା କରିବେ।
- **ବିଷୟ ସହାୟତା ପାଇଁ ଆଇସିଟିର ବ୍ୟବହାର :** ପାଠ୍ୟକ୍ରମର କେତେକ ନିର୍ଦ୍ଦିଷ୍ଟ ପରିସରକୁ ସହାୟତା ପ୍ରଦାନ ପାଇଁ ଆଇସିଟିକୁ ବ୍ୟବହାର କରିପାରିବେ। ଭାଷା ଶିକ୍ଷାଦାନରେ ରେକର୍ଡ କରି ହେଉଥିବା ଉପକରଣଗୁଡ଼ିକ ବହୁତ ଦରକାରୀ। ଉଦାହରଣସ୍ୱରୂପ: ବିଜ୍ଞାନ ଶିକ୍ଷାଦାନ। ଶିକ୍ଷାର୍ଥୀମାନେ ଇଣ୍ଟରନେଟ୍ ବ୍ୟବହାର କରି ସେମାନଙ୍କର ଗବେଷଣା କରିବାର ସୁଯୋଗ ପାଆନ୍ତି ଓ ସେମାନେ ଭଲ ପାଉଥିବା ପ୍ରସଙ୍ଗ ଉପରେ ଗଭୀର ଭାବରେ ଅଧ୍ୟୟନ କରି ଅନେକ କଥା ଶିଖନ୍ତି ଓ ଏହାଦ୍ୱାରା ଶିକ୍ଷାର୍ଥୀମାନଙ୍କର ଆତ୍ମବିଶ୍ୱାସ ବଢ଼ିଥାଏ।
- **ବୃତ୍ତିଗତ ଶିକ୍ଷଣର ସହାୟତା ପାଇଁ ଆଇସିଟିର ବ୍ୟବହାର:** ଶିକ୍ଷକମାନଙ୍କର ବୃତ୍ତିଗତ ବିକାଶରେ ସହାୟତା ଦେବା ପାଇଁ ଆଇସିଟିକୁ ବ୍ୟବହାର କରାଯାଇପାରିବ। ସମସ୍ତ ଶିକ୍ଷକଙ୍କୁ ଏକାଠି କାମ କରିବା ପାଇଁ ଉତ୍ସାହିତ କରିପାରିବେ। ସେମାନେ ମିଳିତ ଭାବେ ଶ୍ରେଣୀ କୋଠରୀରେ ମୁକ୍ତ ଶୈକ୍ଷିକ ସମ୍ବଳକୁ ବ୍ୟବହାର କରିବା ପାଇଁ ଖୋଜିବେ। ସେମାନେ ଯୋଡ଼ିରେ କାର୍ଯ୍ୟକରି ପାରିବେ ଓ ପରସ୍ପର ପରସ୍ପରର ଫିଲ୍ମ୍ ଦେଖିବେ। ତା'ପରେ ସେମାନଙ୍କର ଶିକ୍ଷାଦାନର ଉନ୍ନତି ପାଇଁ ଆଲୋଚନା କରିବେ। ବିଷୟଗତ ଜ୍ଞାନରେ ଯେଉଁ ଶିକ୍ଷକମାନଙ୍କର କିଛି ଫାଙ୍କ ଥାଏ ତେବେ ଇଣ୍ଟରନେଟ୍‌ରେ ଉପଲବ୍ଧ ବହୁତ ଗୁଡ଼ାଏ ସମ୍ବଳ ସେମାନଙ୍କୁ ସେଥିପାଇଁ ସାହାଯ୍ୟ କରିବ । କୁଇଜ, ଭାବ ଓ ନମୁନା ଟେଷ୍ଟ ପେପର ଏଥିରେ ଅନ୍ତର୍ଭୁକ୍ତ । ଇଣ୍ଟରନେଟ୍ ବ୍ୟବହାର ଦ୍ୱାରା ନେଟ୍‌ୱର୍କ ମାଧ୍ୟମରେ ଅନ୍ୟ ଶିକ୍ଷକମାନଙ୍କ ସହ ଯୋଗାଯୋଗ କରିବାର ସୁଯୋଗ ପାଇବେ। ଶିକ୍ଷଣକାର୍ଯ୍ୟ ୧ ପରେ ଆଲୋଚନା କରାଯାଇଥିବା କୌଶଳଗୁଡ଼ିକର ବିକାଶ ହେବ।

## ଶିକ୍ଷଣକାର୍ଯ୍ୟ ୪ : ଶିକ୍ଷକଙ୍କୁ ପ୍ରଯୁକ୍ତି ବିଦ୍ୟା ବ୍ୟବହାରର ସହାୟତା ପ୍ରଦାନ

ଆପଣ ଶିକ୍ଷଣକାର୍ଯ୍ୟ ୧ର ପ୍ରଶ୍ନାବଳୀ ଓ ଚିହ୍ନଟ କରିଥିବା ସାରାଂଶ ପାଖକୁ ଫେରିଯାଆନ୍ତୁ। ବର୍ତ୍ତମାନ ସୁଦ୍ଧା ପଢ଼ିଥିବା ଶିକ୍ଷଣକାର୍ଯ୍ୟ ଓ ଘଟଣା ଅଧ୍ୟୟନ ପରେ ଉପଲବ୍ଧ ଥିବା ପ୍ରଯୁକ୍ତିବିଦ୍ୟାକୁ ଅଧିକ ଭଲଭାବେ ବ୍ୟବହାର କରିବା ପାଇଁ ଆପଣ ଶିକ୍ଷକମାନଙ୍କୁ କିପରି

ଭାବରେ ଉତ୍ସାହିତ କରିପାରିବେ।

ଉପରେ ବର୍ଣ୍ଣିତ ହୋଇଥିବା ଚାରିଗୋଟି ଶ୍ରେଣୀ ବିଭାଗର ପ୍ରତ୍ୟେକଟି ପାଇଁ ଆପଣ ନିର୍ଦ୍ଦିଷ୍ଟ ଭାବରେ ଗୋଟିଏ ଉଦାହରଣ ଚିହ୍ନଟ କରନ୍ତୁ। ଯାହାକୁ ଆପଣଙ୍କ ବିଦ୍ୟାଳୟରେ ଦଳେ ଶିକ୍ଷକମାନଙ୍କ ବିକାଶ ପାଇଁ ଥିବା ମୁକ୍ତଶୈକ୍ଷିକ ସମ୍ବଳ ଶ୍ରେଣୀ କୋଠରୀର ଆଇସିଟି (ICT) ବ୍ୟବହାର ସୁଯୋଗ ଉପରେ ଆଲୋକପାତ କରିଛି ଏବଂ ଏହା ଆପଣଙ୍କୁ ହୁଏତ କେତେକ ଧାରଣା ଶିକ୍ଷାବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ଦେଇପାରେ।

## ୪ ପ୍ରଯୁକ୍ତି ବିଦ୍ୟାକୁ କୌଶଳ ଓ ଶିକ୍ଷଣ ଉଦ୍ଦେଶ୍ୟ ସହ ସମ୍ପର୍କିତ କରିବା

ଏହା ଜଣାପଡୁଛି ଯେ ନିକଟ ଭବିଷ୍ୟତରେ ଇଣ୍ଟରନେଟ୍‌କୁ ପ୍ରବେଶ, କମ୍ପ୍ୟୁଟର ଓ ଅନ୍ୟ ଇଲେକ୍ଟ୍ରୋନିକ୍ସ ଉପକରଣର ଉନ୍ନତି ହେବ। ଏହା ସହିତ ଅଧିକ ସଂଖ୍ୟକ ଶିକ୍ଷକ ଓ ଶିକ୍ଷାର୍ଥୀ ବିଦ୍ୟାଳୟ ବାହାରେ ଇଣ୍ଟରନେଟ୍‌କୁ ବ୍ୟବହାର କରିବେ। ଆପଣଙ୍କର ଶୈକ୍ଷିକ ଲକ୍ଷ୍ୟକୁ ସମୂହ ଭାବରେ ହାସଲ କରିବା ପାଇଁ ଆପଣଙ୍କୁ ନିଶ୍ଚିତ କରିବାକୁ ପଡ଼ିବ ଯେ ଆପଣଙ୍କ ଶିକ୍ଷକ ଓ ଶିକ୍ଷାର୍ଥୀଗଣଙ୍କର ପ୍ରଯୁକ୍ତି ବିଦ୍ୟାର ପ୍ରବେଶ ଅଛି। ଜଣେ ବିଦ୍ୟାଳୟ ମୁଖ୍ୟଙ୍କର ଏହା ଭୂମିକା ଅଟେ।

କମ୍ପ୍ୟୁଟର ଉପକରଣଗୁଡ଼ିକୁ ବାସ୍ତବରେ ପରିଚାଳନା କରିବାକୁ ହେୟଜ୍ଞାନ କରିବା ଓ ପ୍ରଯୁକ୍ତି ବିଦ୍ୟାରେ ଗୁରୁତ୍ୱ ଦେବା ଅପେକ୍ଷା ଆପଣ କ'ଣ ଉଦ୍ଦେଶ୍ୟ ରଖି କାମ କରୁଛନ୍ତି ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ। ଆପଣ ଶୈକ୍ଷିକ ଅଗ୍ରାଧିକାର ସମ୍ପର୍କରେ ସ୍ପଷ୍ଟ ହୋଇଗଲେ ତାହା ଆପଣଙ୍କୁ ପ୍ରଯୁକ୍ତିବିଦ୍ୟା ଚୟନରେ ସମର୍ଥ କରାଇବ। ଯାହା କି ଆପଣଙ୍କ ଅଗ୍ରାଧିକାରଗୁଡ଼ିକରେ କାର୍ଯ୍ୟ କରିବା ପାଇଁ ସାହାଯ୍ୟ କରିବ।

### ପରିସ୍ଥିତି ଅଧ୍ୟୟନ ୫ : ଶ୍ରୀମାନ ଅଗ୍ରୱାଲଙ୍କ ହତାଶ କାମ ଆରମ୍ଭ କରିଥିଲେ

ଶ୍ରୀମାନ ଅଗ୍ରୱାଲଙ୍କ ହତାଶ କାମ ଆରମ୍ଭ କରିଥିଲେ । ସେ ସେଠାରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଅବସ୍ଥାପିତ ହୋଇଥିଲେ ଓ ତାଙ୍କୁ ବୁଝାଯାଇଥିଲା ଯେ ବିଦ୍ୟାଳୟଟି କମ୍ପ୍ୟୁଟର ଦ୍ୱାରା ସୁସଜ୍ଜିତ ଅଟେ।

ମୁଁ ନୂତନ ବିଦ୍ୟାଳୟରେ କାମ କରିବା ପାଇଁ ଖୁବ୍ ଉଦ୍‌ବେଳିତ ଥିଲି। ମନେ କୁହାଯାଇଥିଲା ଯେ ସେଠାରେ ୨୦ଟି ଲାପ୍‌ଟପ୍ ଅଛି ଯାହାକୁ ଶିକ୍ଷାର୍ଥୀମାନେ ସେମାନଙ୍କ ପାଠରେ ବ୍ୟବହାର କରିପାରିବେ। ଯେତେବେଳେ ମୁଁ ସେଠାରେ ପହଞ୍ଚିଲି ଦେଖିଲି ଯେ ସବୁ ଲାପ୍‌ଟପ୍ ଆଲମିରାରେ ବନ୍ଦ ହୋଇ ପଡ଼ିରହିଛି ଓ କେହି ବି କେବେ ବି ସେଗୁଡ଼ିକୁ ବ୍ୟବହାର କରିନାହାନ୍ତି। ସେହି ଆଲମିରାର କେବଳ ଗୋଟିଏ ଚାବି ଥିଲା, ଯାହା କି ବିଦ୍ୟାଳୟ ମୁଖ୍ୟଙ୍କ କାର୍ଯ୍ୟାଳୟରେ ରଖାଯାଉଥିଲା। ଯଦି ବିଦ୍ୟାଳୟର ମୁଖ୍ୟ ବିଦ୍ୟାଳୟ ଛାଡ଼ି କୁଆଡ଼େ ଯାଆନ୍ତି ତାହା ହେଲେ ସେହି ଚାବିକୁ କେହି ବି ପାଇପାରନ୍ତି ନାହିଁ।

କମ୍ପ୍ୟୁଟରଗୁଡ଼ିକ ପୁରୁଣା ହୋଇଯାଉଥିଲା ଓ ଧୀରେ ଧୀରେ ଚାଲୁଥିଲା। କେତେକ କମ୍ପ୍ୟୁଟର ମାଉସ୍ ନ ଥିଲା ଓ ଅଚଳ କି ବୋର୍ଡ ଥିଲା ଓ ଚାର୍ଜରଗୁଡ଼ିକ ହଜିଯାଇଥିଲା। ଗୋଟିଏ କମ୍ପ୍ୟୁଟର ଚାଲୁଥିଲା ଯେଉଁଥିରେ ୱାର୍ଡ (Word), ଏକ୍ସଲ (Excel), ପାୱାରପଏଣ୍ଟ (Powerpoint) ଓ ସିଡି ଡ୍ରାଇଭ୍ ଥିଲା। କେତେକ କମ୍ପ୍ୟୁଟରରେ ସିଡି-ରମ୍ (CD-ROM) ସହ ଶୈକ୍ଷିକ ସଫ୍ଟୱେର ଥିଲା। କିନ୍ତୁ ନେଟ୍‌ୱର୍କ ସହ ସଂଯୋଜିତ ହୋଇ ନ ଥିଲା ତେଣୁ ପ୍ରତ୍ୟେକ କମ୍ପ୍ୟୁଟର ସହ ସିଡି-ରମ୍ (CD-ROM) ଲଗେଇବା ଜରୁରୀ। କେତେକ କମ୍ପ୍ୟୁଟରର ଲାଇସେନ୍ସ ନମ୍ବର ହଜିଯାଇଥିଲା। ତେଣୁ CD-ROMକୁ ଖୋଲାଯାଇପାରୁ ନ ଥିଲା। କେତେକ ବଡ଼ ଶିକ୍ଷାର୍ଥୀ ଲାପ୍‌ଟପ୍‌ର ବ୍ୟବହାରକୁ ମନେରଖିଥିଲେ କିନ୍ତୁ ସେମାନେ କହିଲେ ଯେ ସେମାନେ ଅଧିକ କିଛି ଶିଖି ନ ଥିଲେ କାରଣ ଶିକ୍ଷକ ପ୍ରକୃତରେ ସେମାନଙ୍କୁ କମ୍ପ୍ୟୁଟରକୁ କିପରି ଭାବରେ ବ୍ୟବହାର କରିବେ ବୁଝାଇ ନ ଥିଲେ।

ହୁଏତ ଏହା ଏକ ଅସାଧାରଣ ପରିସ୍ଥିତିର କଥା ନୁହେଁ। ବିଦ୍ୟାଳୟରେ କମ୍ପ୍ୟୁଟର ପରିଚାଳନା ଓ ସହାୟତା ପାଇଁ ହୁଏତ ଯଥେଷ୍ଟ ଯୋଜନା କରାଯାଇ ନ ଥିବ। ଉପକରଣଗୁଡ଼ିକ ନିଜର ଯତ୍ନ ନେଇପାରିବେ ନାହିଁ ଓ ବ୍ୟବହାର କରୁଥିବା ବ୍ୟକ୍ତି ସ୍ୱୟଂ ସେଗୁଡ଼ିକୁ କିପରି ବ୍ୟବହାର କରିବେ ଜାଣନ୍ତି ନାହିଁ। ପରିଚାଳନା ଓ ସହାୟତା ପାଇଁ ଦିଆଯାଇଥିବା ଉପଦେଶଗୁଡ଼ିକୁ ସମ୍ବଳ୪ ରେ ଦେଖନ୍ତୁ।

## ଶିକ୍ଷଣକାର୍ଯ୍ୟ ୫ : ଶିକ୍ଷଣ ସହ ପ୍ରଯୁକ୍ତିବିଦ୍ୟାର ସଂଯୋଗ ସ୍ଥାପନ

ନିମ୍ନରେ ଦିଆଯାଇଥିବା ସାରଣୀ ୧କୁ ଜଣେ ସହକର୍ମୀଙ୍କ ସହ ମିଶି ସମ୍ପୂର୍ଣ୍ଣ କରନ୍ତୁ। ଏହି କାମର ଉଦ୍ଦେଶ୍ୟ ହେଉଛି କେବଳ ପ୍ରଯୁକ୍ତିବିଦ୍ୟାରେ ନୁହେଁ ବରଂ ପ୍ରଯୁକ୍ତିବିଦ୍ୟାରୁ ମିଳୁଥିବା ଶୈକ୍ଷିକ ଉପକରଣ ଉପରେ ଗୁରୁତ୍ୱଦେବା ପାଇଁ ଆପଣଙ୍କୁ ଉତ୍ସାହିତ କରିବା।

***ସାରଣୀ ୧ :*** *ଆପଣଙ୍କ ବିଦ୍ୟାଳୟରେ ପ୍ରଯୁକ୍ତିବିଦ୍ୟାକୁ ମିଳୁଥିବା ଉପକାରଗୁଡ଼ିକୁ ଚିହ୍ନଟ କରିବା*

| ଶୈକ୍ଷିକ ଫଳାଫଳ | ପ୍ରଯୁକ୍ତିବିଦ୍ୟା କିପରି ସାହାଯ୍ୟ କରିପାରିବ ? କେଉଁ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ରହିଛି ? |
|---|---|
| ଶିକ୍ଷକମାନେ ସେମାନଙ୍କ ପାଠରେ ଅଧିକ ଅଂଶଗ୍ରହଣଭିତ୍ତିକ ପନ୍ଥାର ବିକାଶ କରୁଛନ୍ତି। | |
| ଶିକ୍ଷକମାନେ ନିଜକୁ ଜଣେ ସହାୟକ ପଥପ୍ରଦର୍ଶକ ଓ ଶିକ୍ଷଣ ଯାତ୍ରାରେ ସହାୟତା ପ୍ରଦାନକାରୀ ରୂପେ ଦେଖନ୍ତି। | |
| ଶିକ୍ଷକମାନେ ଜଣେ ଲେଖାଏଁ ଶିକ୍ଷାର୍ଥୀ ଅଟନ୍ତି ଓ ସେମାନେ ନିଜର ବୃତ୍ତିଗତ ବିକାଶ ପାଇଁ ଖୁବ୍ ଆଗ୍ରହୀ ଅଟନ୍ତି। | |
| ଶିକ୍ଷକମାନେ କମ୍ପ୍ୟୁଟରର ମୂଳ କଥା ଶିଖିବେ : ଖୋଲିବା, ଫାଇଲ ପରିଚାଳନା କରିବା, ଡକୁମେଣ୍ଟ ଓ ପ୍ରେଜେନ୍‌ଟେସନ୍ (Document Presentation) ସୃଷ୍ଟି କରିବା। | |
| ଶିକ୍ଷାର୍ଥୀମାନେ ଇଣ୍ଟରନେଟ୍‌କୁ ବିଭିନ୍ନ ସୂଚନା ଖୋଜି ଭବିଷ୍ୟତ ପାଇଁ ସଂଗ୍ରହ କରି ରଖିବେ ଓ ବ୍ୟବହାର କରିବେ। | |
| ଇମେଲ୍ ବାର୍ତ୍ତା କିପରି ପଠାଯାଏ ଓ ସୋସିଆଲ ମିଡିଆ ସହ କିପରି ନିଜକୁ ଯୋଡ଼ିବେ ସେ ସବୁ ଶିଖିବେ। | |
| ଶୈକ୍ଷିକ ସଫ୍ଟୱେର ସହିତ ଶିକ୍ଷକମାନେ ପରିଚିତ ହେବେ। | |
| ୟୁଟ୍ୟୁବ୍, ଭିଡ଼ିଓ, ଫ୍‌ଲିମ୍ କ୍ଲିପ୍, ଖବର, ବିବରଣୀ ଓ ଫଟୋଗ୍ରାଫ୍ ଭଳି ସମ୍ବଳଗୁଡ଼ିକ ବ୍ୟବହାର କରି ଶିକ୍ଷକମାନେ ସେମାନଙ୍କ ଶ୍ରେଣୀକୁ ଜୀବନ୍ତ କରିବେ। | |

## ପରିସ୍ଥିତି ଅଧ୍ୟୟନ ୬ : ମିନାକ୍ଷୀ ଦେବୀ ଦାନ ଗ୍ରହଣ କରିଥିଲେ

ମିନାକ୍ଷୀ ଦେବୀ ଗୋଟିଏ ଛୋଟିଆ ଗ୍ରାମାଞ୍ଚଳ ମାଧ୍ୟମିକ ବିଦ୍ୟାଳୟର ମୁଖ୍ୟ ଅଟନ୍ତି। ଜଣେ ପୁରୁଣା ଶିକ୍ଷାର୍ଥୀ ବ୍ୟବସାୟ କରି ଖୁବ୍ ଉପାର୍ଜନ କରିଛନ୍ତି ଓ ବହୁତ ଅର୍ଥ ଧରି ଗାଁକୁ ଫେରିଛନ୍ତି। ସେ ମିନାକ୍ଷୀ ଦେବୀଙ୍କୁ ସାକ୍ଷାତ କରିବା ପାଇଁ ଆସିଛନ୍ତି।

ଗତ ସପ୍ତାହରେ ମୁଁ ଜଣେ ପୁରୁଣା ଶିକ୍ଷାର୍ଥୀଙ୍କୁ ସାକ୍ଷାତ କରି ଫେରିଲି। ସେ ବିଦ୍ୟାଳୟ ଛାଡ଼ିଲା ପରେ କ'ଣ ସବୁ କରିଛନ୍ତି କହିଲେ। ସେ ଗୋଟିଏ ବ୍ୟବସାୟ ଆରମ୍ଭ କଲେ ଯାହା ବର୍ତ୍ତମାନ ଚାରିଆଡ଼େ ବ୍ୟାପିଯାଉଛି ଓ ସେଥିରୁ ସେ ଅନେକ ଟଙ୍କା ଉପାର୍ଜନ କରିଛନ୍ତି। ସେ ବିଦ୍ୟାଳୟକୁ କିଛି ଦେବାକୁ ଚାହିଁଥିଲେ ଓ ସେ ବିଦ୍ୟାଳୟରେ ଗୋଟିଏ କମ୍ପ୍ୟୁଟର କୋଠରୀ ଓ ୨୦ଟି କମ୍ପ୍ୟୁଟର ଶିକ୍ଷାର୍ଥୀଙ୍କ ବ୍ୟବହାର ପାଇଁ ଦେବାକୁ ଚାହିଁଲେ। ମୁଁ ଅକୃତଜ୍ଞ ଭାବ ଦେଖାଇଲି ନାହିଁ କିନ୍ତୁ ମୋର ହୃଦୟ ଖୁସିରେ ବୁଡ଼ିଗଲା। ମୋର ଆଠଜଣ ଶିକ୍ଷକ ଥିଲେ କିନ୍ତୁ ଏଭଳି କୋଠରୀର ଯତ୍ନନେବା ପାଇଁ ସେମାନଙ୍କର ପାଖରେ ଦକ୍ଷତା ନ ଥିଲା ଓ ତା' ସହିତ ସେମାନେ ନିଜେ ମଧ୍ୟ କମ୍ପ୍ୟୁଟର ବ୍ୟବହାର କରିବାକୁ ସମର୍ଥ ନ ଥିଲେ। ଆମ ପାଖରେ ଶୈକ୍ଷିକ ସଫ୍ଟୱେର କିଣିବା ପାଇଁ ସମ୍ବଳ ନ ଥିଲା ଓ ଯଦି ଆମେ କିଣିବୁ ସେଗୁଡ଼ିକୁ ଉପଯୁକ୍ତ ଭାବରେ ବ୍ୟବହାର କରିବାକୁ ହେଲେ ଆମକୁ ସବୁ କମ୍ପ୍ୟୁଟରକୁ ଏକାଠି ନେଟ୍‌ୱାର୍କ ସହ ସଂଯୋଗ କରିବାର ଦରକାର ପଡ଼ିବ। ମୁଁ ଲାପ୍‌ଟପ୍, ପ୍ରଜେକ୍ଟର ଓ ୱାଇଫି ସଂଯୋଗ ପାଇଁ ଅଧିକ ପସନ୍ଦ କରୁଥିଲି କିନ୍ତୁ ସେ ତାଙ୍କ ନାଁରେ "ଜଗଦୀଶ ସରାଫ୍ କମ୍ପ୍ୟୁଟର କୋଠରୀ" ସ୍ଥାପନ କରିବା ପାଇଁ ଅଧିକ ଆଗ୍ରହୀ ଥିଲେ।

ମୁଁ ତାଙ୍କର ପ୍ରସ୍ତାବ ପାଇଁ ଧନ୍ୟବାଦ ଦେଲି ଓ ପରଦିନ ଆସିବା ପାଇଁ ନିମନ୍ତ୍ରଣ ଜଣାଇଲି ମୁଁ ତାଙ୍କୁ କହିଲି ଯେ ମୁଁ ଯୁକ୍ତିସଙ୍ଗତ ଭାବେ ବିଚାର କରିବି ଓ ଆପଣଙ୍କର ଉଲ୍ଲେଖଯୋଗ୍ୟ ପ୍ରସ୍ତାବ ବିଷୟରେ ସମସ୍ତ ଶିକ୍ଷକଙ୍କ ସହ ଆଲୋଚନା କରିବି। ମୁଁ ଜାଣିଥିଲି ଯେ ଅନୁରାଧା ଦେବୀ ଦଶମ ଶ୍ରେଣୀରେ ପଢ଼ାନ୍ତି। ସିଏ ତାଙ୍କ ଫୋନ୍‌ରେ ଇଣ୍ଟରନେଟ୍ ବ୍ୟବହାର କରିଥାନ୍ତି। ମୋର ଗୋଟିଏ ଲାପ୍‌ଟପ୍ ଥିଲା। ମୁଁ ଅନୁରାଧା ଦେବୀଙ୍କ ସହ ମିଶି ଯୋଜନା କଲି। ଅନୁରାଧା ଦେବୀ ଏଟମ୍ (atom)ର ଗଠନ ବିଷୟରେ ପଢ଼ାଉଥିଲେ ତେଣୁ ସନ୍ଧ୍ୟାରେ ଆମେ ୱାଇଫି କନେକ୍‌ସନ୍ ରଖିଥିବା ସାଙ୍ଗ ଘରକୁ ଗଲୁ। ଆମେ ଗୋଟିଏ ୱେବ୍‌ସାଇଟ୍‌ରୁ ଗୋଟିଏ ଫ୍ଲିମ୍ ଡାଉନ୍‌ଲୋଡ କଲୁ ଯାହାର ନାମ "Power of ten" ଯାହାକି ଶିକ୍ଷାର୍ଥୀଙ୍କୁ ଏଟମ୍‌ର ଆକାର ଓ ନ୍ୟୁକ୍ଲିଅସ୍ ପ୍ରସଙ୍ଗ ବୁଝିବାରେ ସାହାଯ୍ୟ କଲା।

ତା' ପରଦିନ ଯେତେବେଳେ ଅନୁରାଧାଦେବୀ ଶ୍ରେଣୀ ଦଶମରେ ପଢ଼ାଉଥିଲେ ସେ ମୋର ଲାପ୍‌ଟପ୍‌କୁ ବ୍ୟବହାର କରି ସେହି ଫ୍‌ଲିମ୍ ଦେଖାଇଲେ। ଶିକ୍ଷାର୍ଥୀମାନେ ଆଶ୍ଚର୍ଯ୍ୟ ହୋଇଗଲେ ଓ ଖୁସିରେ ଆତ୍ମହରା ହେଲେ। ସେମାନଙ୍କୁ ତଳେ ବସିବାକୁ ପଡୁଥିଲା କିନ୍ତୁ ସମସ୍ତେ ଗୁଣୁଗୁଣୁ ଶବ୍ଦ କରିବା ଦେଖାଗଲା। ମୁଁ ଜଗଦୀଶବାବୁଙ୍କୁ ସେଠାକୁ ନେଇଗଲି ଓ ସେ ତାହା ଦେଖି ଖୁବ୍ ପ୍ରଭାବିତ ହୋଇଥିଲେ। ଏହା ମତେ ବୁଝାଇବାରେ ସମର୍ଥ କଲା ଯେ ପ୍ରକୃତରେ ମୁଁ କ'ଣ ଚାହିଁଛି। ପ୍ରତ୍ୟେକ ଶିକ୍ଷକଙ୍କ ପାଇଁ ଗୋଟିଏ ଲେଖାଏଁ ଲାପ୍‌ଟପ୍, ଗୋଟିଏ ପ୍ରୋଜେକ୍ଟର ଓ ୱାଇଫି କନେକ୍‌ସନ୍ ବା ଗୋଟିଏ ଟେବ୍‌ଲେଟ୍ ଯେଉଁଥିରେ ଶିକ୍ଷଣୀୟ ପ୍ରୟୋଗର ବିଷୟ ପୂର୍ବରୁ ଲୋଡ୍ ହୋଇଥିବ। ସବୁତକ ଟଙ୍କା ଏକାଥରକେ ଖର୍ଚ୍ଚ କରିବା ଅପେକ୍ଷା କେତେ ଟଙ୍କା ଉପକରଣ ପାଇଁ ଖର୍ଚ୍ଚ କରିବାକୁ ପରାମର୍ଶ ଦେଇଥିଲି। ତା'ପରେ ସେ ପାଞ୍ଚବର୍ଷ ପର୍ଯ୍ୟନ୍ତ ୱାଇଫି କନେକ୍‌ସନ ଦେବାକୁ ରାଜି ହୋଇଥିଲେ। ବିଦ୍ୟାଳୟ ପ୍ରବେଶ ଦ୍ୱାର ପାଖରେ ଗୋଟିଏ ବୋର୍ଡ ଲଗେଇବୁ ଯେଉଁଥିରେ ଆପଣଙ୍କ ଅବଦାନ ବିଷୟରେ ଲେଖା ହୋଇଥିବ ଓ ଆମେ ଆପଣଙ୍କର ଦାନ ପାଇଁ କୃତଜ୍ଞତା ଜଣେଇଥିବୁ।

ଆପଣ କ'ଣ ହାସଲ କରିବାକୁ ଚାହୁଁଛନ୍ତି ତା' ଉପରେ ପ୍ରଯୁକ୍ତିବିଦ୍ୟାର ଚୟନ ନିର୍ଭର କରେ ତାହା ଗୁରୁତ୍ୱପୂର୍ଣ୍ଣ ଯାହାକି ଶିକ୍ଷଣକାର୍ଯ୍ୟ ୫ ଓ ୬ରେ ଉଲ୍ଲେଖ କରାଯାଇଛି। ବେଳେବେଳେ ଶ୍ରେଣୀରେ ଗୁଡ଼ାଏ କମ୍ପ୍ୟୁଟର ଅପେକ୍ଷା କେବଳ ଗୋଟିଏ ଲାପ୍‌ଟପ୍ ଓ ପ୍ରୋଜେକ୍ଟର ଶିକ୍ଷାର୍ଥୀଙ୍କ ଉପରେ ଅଧିକ ପ୍ରଭାବ ପକେଇଥାଏ। ଯେହେତୁ ଟେବ୍‌ଲେଟ୍‌ର ଦାମ୍ କମିଯାଉଛି ତେଣୁ ଯାହା ବେଶୀ ଉପକାରରେ ଆସିପାରେ। ସ୍ଥାନୀୟ ପଦକ୍ଷେପ ଦ୍ୱାରା କମ୍ ଦାମ୍‌ରେ ବ୍ୟବହାର ପାଇଁ ପ୍ରଯୁକ୍ତିବିଦ୍ୟା ଉପଲବ୍ଧ କରାଯାଇପାରେ।

## ଶିକ୍ଷଣକାର୍ଯ୍ୟ ୬ : ଇଣ୍ଟରନେଟ୍ ସମ୍ପର୍କରେ ଭାଷଣ

ଏହି କାର୍ଯ୍ୟ ପାଇଁ ଆପଣ ଇଣ୍ଟରନେଟ୍‌କୁ ଯାଇ ବିନୟ ଭେଙ୍କଟରମଣଙ୍କ ପ୍ରେଜେନ୍‌ଟେସନ (Presentation) ଦେଖିପାରିବେ।
TED ୱେବ୍‌ସାଇଟ୍‌ରେ ଉପଲବ୍ଧ ଥିବା ସମ୍ବଳଗୁଡ଼ିକ ଉଦାହରଣସ୍ୱରୂପ ମୁକ୍ତ ବିଷୟ ଅଟେ ଯାହାକୁ ଆପଣ ଆପଣଙ୍କର ବିକାଶ ଓ ପ୍ରଶିକ୍ଷଣ ପାଇଁ
ବା ଶିକ୍ଷାର୍ଥୀଙ୍କ ପାଇଁ ଓ ନୂତନ ଚିନ୍ତାଧାରାରେ ଅଧିକ ଭାବିବା ପାଇଁ ବ୍ୟବହାର କରିପାରିବେ। TEDର କଥାବାର୍ତ୍ତାଗୁଡ଼ିକ ସାଧାରଣତଃ ଅନୁପ୍ରେରିତ କରିଥାଏ ତେଣୁ ସେଗୁଡ଼ିକ ଭାବିବା ପାଇଁ ଖୋରାକ୍ ଯୋଗାଇଥାଏ।



### ଟିକିଏ ଚିନ୍ତା କରନ୍ତୁ

ଶିକ୍ଷଣକାର୍ଯ୍ୟ ୬ରେ ଦେଖିଥିବା ଭିଡ଼ିଓ ଉପରେ ଆପଣଙ୍କର ପ୍ରତିକ୍ରିୟା କ'ଣ? ସ୍ଥାନୀୟ ଗୋଷ୍ଠୀକୁ ବିଚାରକୁ ନେଇ ଚିନ୍ତା କରନ୍ତୁ ଯେ ପ୍ରଯୁକ୍ତିବିଦ୍ୟାର ସମସ୍ୟାକୁ ସମାଧାନ କରିବା ପାଇଁ କେହି ଜଣେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଅଛନ୍ତି କି?

ପ୍ରଯୁକ୍ତିବିଦ୍ୟାର ଶୈକ୍ଷିକ ଉପକାରୀତା ଓ ସେଗୁଡ଼ିକୁ ବୁଝିବାରେ ଶିକ୍ଷକମାନଙ୍କର ଭୂମିକା ସମ୍ପର୍କରେ ଶେଷ ଘଟଣା ଅଧ୍ୟୟନରେ ଆଲୋକପାତ କରାଯାଇଛି।

## ପରିସ୍ଥିତି ଅଧ୍ୟୟନ ୭ : ତିନୋଟି ବିଦ୍ୟାଳୟରେ ସ୍ଥାନୀୟ ବିଷୟବସ୍ତୁର ବିକାଶ

ଏହି ପ୍ରକଳ୍ପଟି ନଭେମ୍ବର ମାସ ୨୦୦୫ରେ ସ୍ଥାପିତ ହୋଇଥିଲା। ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀର ଶିକ୍ଷାର୍ଥୀଙ୍କୁ ସେମାନଙ୍କର ପସନ୍ଦ ମୁତାବକ ପ୍ରସଙ୍ଗ ଉପରେ ଭିଡ଼ିଓ presentation ପ୍ରସ୍ତୁତ କରିବା ପାଇଁ ସୁଯୋଗ ଦିଆଗଲା।

ଏହି କାର୍ଯ୍ୟ ପାଇଁ ଶିକ୍ଷକମାନେ ସହାୟକ ଭାବେ କାମ କରିଥିଲେ ଓ ଆବଶ୍ୟକ ମୁତାବକ ଦଳକୁ ସାହାଯ୍ୟ କରୁଥିଲେ। ସ୍ଥାନୀୟ ବିଷୟ ପ୍ରକଳ୍ପର ବିକାଶ ପାଇଁ ପ୍ରତ୍ୟେକ ଦଳରେ ସ୍ଥାନୀୟ ଗୋଷ୍ଠୀର ବିଶେଷଜ୍ଞ ଓ ଜଣେ ଲେଖାଏଁ ବ୍ୟକ୍ତିଗତ ପଥପ୍ରଦର୍ଶନକାରୀ (mentor) ରହିଥିଲେ। ଗାଁ ଲୋକଙ୍କ ପ୍ରୟାସରେ ସାମିଲ କରିବାର ଧାରଣା ରଖି ବିଦ୍ୟାଳୟରେ ଶିକ୍ଷଣ ଗୋଷ୍ଠୀ ସ୍ଥାପନ କରାଯାଇଥିଲା। ଯେଉଁଠି ସମ୍ଭବ YIF ଦଳରେ ସହାୟତା ଦେବା ପାଇଁ ସାମିଲ କରାଯାଇଥିଲା। ପ୍ରତ୍ୟେକ ଦଳ ୱେବ୍‌କମ୍ (ୱେବ୍ କ୍ୟାମେରା)କୁ ବ୍ୟବହାର କରିଥିଲେ ଯଥା– MS Paint ଓ ପାୱାରପଏଣ୍ଟ (Powerpoint।

ଶିକ୍ଷାର୍ଥୀମାନେ ଆବଶ୍ୟକ ସୂଚନା ସଂଗ୍ରହ କରିଥିଲେ। ବହିର ଆକୃତିର ପରିକଳ୍ପନା କରି କମ୍ପ୍ୟୁଟରରେ ବିଷୟବସ୍ତୁ ପ୍ରସ୍ତୁତ କରିଥିଲେ।

ଏହି ପ୍ରକଳ୍ପଟି ତିନୋଟି ବିଦ୍ୟାଳୟରେ କାର୍ଯ୍ୟକାରୀ ହୋଇଥିଲା। ଗୋଟିଏ ବିଦ୍ୟାଳୟରେ ଏହା ଅଧିକ ସଫଳତା ପାଇଥିଲା। ସଫଳତା ପାଇବାର ମୁଖ୍ୟ କାରଣଗୁଡ଼ିକ ହେଉଛି –

- ଶିକ୍ଷାର୍ଥୀଙ୍କୁ ଯଥାର୍ଥ ଭାବରେ ସେମାନଙ୍କ ପସନ୍ଦ ମୁତାବକ ପ୍ରସଙ୍ଗ ବାଛିବାକୁ ଦିଆଯାଇଥିଲା।

- ଶିକ୍ଷକମାନେ କହିବା ଅପେକ୍ଷା ସହାୟକ, ପଥପ୍ରଦର୍ଶକ ଓ ଉତ୍ସାହିତ କରିବା କାମ କରୁଥିଲେ ।
- ଫଳପ୍ରଦ ଦଳଗତ କାର୍ଯ୍ୟ ପାଇଁ ଶିକ୍ଷାର୍ଥୀଙ୍କୁ ସହାୟତା ଦିଆଯାଇଥିଲା ଓ ଏଥିରେ ପୃଥକ୍ ଭାବେ ଭୂମିକା ଓ ଦାୟିତ୍ୱ ତୁଲାଇଥିବା ବ୍ୟକ୍ତିଙ୍କ ଗୁରୁତ୍ୱ ଦେଇ ସାମିଲ କରାଯାଇଥିଲା ।
- ଶିକ୍ଷଣ ଗୋଷ୍ଠୀ ଦଳମାନଙ୍କ ସହ ନିୟମିତ ବୈଠକ କରି ସେମାନଙ୍କର ଅଗ୍ରଗତି ବିଷୟରେ ଜାଣିବା ପାଇଁ ସକ୍ରିୟ ଥିଲେ ।

ଗୋଟିଏ ବିଦ୍ୟାଳୟରେ ପ୍ରସଙ୍ଗଗୁଡ଼ିକୁ ବହିରୁ ଚୟନ କରିଥିଲେ ଓ ଯାହା ତଥ୍ୟ ସେମାନେ ପରିବେଷଣ କଲେ ସେଥିରେ ବହି ବ୍ୟତୀତ ଅନ୍ୟ କୌଣସି ସୂଚନା ନ ଥିଲା ।

ମୋଟାମୋଟି ଭାବେ ପ୍ରକଳ୍ପଗୁଡ଼ିକ ସଫଳ ହୋଇଥିଲା ପରି ମନେହେଉଥିଲା ଓ ତାହା ଶିକ୍ଷାର୍ଥୀମାନଙ୍କ ପାଇଁ ଅଭିପ୍ରେରଣା ଯୋଗାଇଥିଲା । ଏହି ପରିବେଷଣଗୁଡ଼ିକ (Presentation) ଅନ୍ୟ ଶିକ୍ଷାର୍ଥୀଙ୍କ ପାଇଁ ଉପଲବ୍ଧ ହେବ – ଯେଉଁଥିରେ ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ର ଗୋଟିଏ ଲକ୍ଷ୍ୟ ପୂରଣ ହେଉଥିବ ଯାହାକି ଜ୍ଞାନ ଗଠନରେ ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣ ।

ଯାହା ବି ହେଉ ଗୋଟିଏ ସିଦ୍ଧାନ୍ତରେ ପହଞ୍ଚିପାରିବା ଯେ ଶିକ୍ଷକମାନେ ଓ ଶିକ୍ଷଣ ଗୋଷ୍ଠୀ ଶିକ୍ଷାର୍ଥୀଙ୍କ ପଦକ୍ଷେପଗୁଡ଼ିକୁ ସହାୟତା ପ୍ରଦାନ କରି ଦିଗ୍‌ଦର୍ଶନ ଦେବା ଆବଶ୍ୟକ । ସେମାନଙ୍କର ଅନୁସନ୍ଧିତ୍ସୁ ମନୋଭାବ ଓ ସୃଜନଶୀଳତାକୁ ନଷ୍ଟ ନ କରି ସେମାନଙ୍କୁ ଉତ୍ସାହିତ କରିବେ । http://www.azimpremjifoundation.org/pdf/LocalContent.pdf.)

## ୫ ଆଇସିଟି ପାଇଁ ପନ୍ଥା ବା କୌଶଳର ବିକାଶ କରିବା




ଚିତ୍ର ୪ ଆଜି ଓ ଆସନ୍ତାକାଲି ପ୍ରଯୁକ୍ତିବିଦ୍ୟାର ଛଅଟି ଖୁଅ ।

ଶିକ୍ଷକ, ଶିକ୍ଷାର୍ଥୀଙ୍କୁ ଆଜିକାଲିର ପ୍ରଯୁକ୍ତିବିଦ୍ୟାକୁ ପରିଚାଳନା କରିବାର ସାମର୍ଥ୍ୟ ବିକାଶ କରିବା ପାଇଁ ଆଇସିଟି (ICT) ପାଠ୍ୟକ୍ରମରେ ୬ଟି ସ୍ତମ୍ଭ ଚିହ୍ନଟ କରାଯାଇଛି । ସେହି ସ୍ତମ୍ଭଗୁଡ଼ିକୁ ନିମ୍ନରେ ପ୍ରଦତ୍ତ କରାଗଲା ।

୧. ବିଶ୍ୱ ସହ ସଂଯୋଗ ସ୍ଥାପନ କରିବା : ସୂଚନା ସାକ୍ଷର ହେଉଛି ଶିକ୍ଷାଦାନ ଶିକ୍ଷଣ ପାଇଁ ବହି ବ୍ୟତୀତ ଅନ୍ୟାନ୍ୟ ସୂଚନା ଓ ସମ୍ବଳ ପାଖରେ ପହଞ୍ଚିବା ।

୨. ପରସ୍ପର ସହ ସଂଯୋଗ ସ୍ଥାପନ କରିବା : ବୃତ୍ତିଗତ ବିକାଶ ଓ ସାହାଯ୍ୟ ପାଇଁ ସାମାଜିକ ମିଡ଼ିଆ ସହ ନିଜକୁ ଖାପଖୁଆଇ ଚଳିବା ।

୩. ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାର ସୃଷ୍ଟି : ଶିକ୍ଷଣ ସମ୍ବଳ ପ୍ରସ୍ତୁତ କରିବା, ଡକ୍ୟୁମେଣ୍ଟ ଓ ଦୃଶ୍ୟ ଶ୍ରାବ୍ୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା ଓ ପାଠ ପଢ଼ାଇବା ଓ ବୁଝାଇବା ପାଇଁ ଉପଯୁକ୍ତ ପ୍ରୋଗ୍ରାମ୍ ବ୍ୟବହାର କରିବା।

୪. ସୂଚନା ଯୋଗାଯୋଗ ଓ ପ୍ରଯୁକ୍ତିବିଦ୍ୟା ସହ ସମ୍ପର୍କ ରଖିବା : ଏହା ହେଉଛି କମ୍ପ୍ୟୁଟର ସ୍କ୍ରିନ୍‌ରେ ଯାହା ଦେଖାଯାଉଛି ତାହା ବୁଝିବା। ଉପଯୁକ୍ତ ଯନ୍ତ୍ରାଂଶ ବ୍ୟବହାର କରିବା ଏବଂ ଏହାର କାର୍ଯ୍ୟକାରିତା ବିଷୟରେ ଜାଣିବା। ଏହାର ନିରାପତ୍ତା ଓ ସମସ୍ୟା ଦେଖାଦେଲେ ତା'ର ସମାଧାନ ଜାଣିବା, ଏହାର ରକ୍ଷଣାବେକ୍ଷଣ ଓ କିପରି ସଂଯୋଗ କରାଯାଏ ଜାଣିବା।

୫. ଶିକ୍ଷାରେ ସମ୍ଭାବନା : ଅନ୍‌ଲାଇନ୍‌ରେ ଉପଲବ୍ଧ ସମ୍ବଳ ପାରସ୍ପରିକ କ୍ରିୟାକଳାପ, ଶୈକ୍ଷିକ ଉଦ୍ଦେଶ୍ୟ ସହ ସଂଯୋଗ / ସମ୍ପର୍କ ସ୍ଥାପନ, ସମାଲୋଚନାତ୍ମକ ମତ, ପରୀକ୍ଷାନିରୀକ୍ଷା, ପ୍ରଶାସନିକ କାର୍ଯ୍ୟ ପାଇଁ ସାଧନ ଇତ୍ୟାଦି।

୬. ଫାଙ୍କକୁ ଯୋଡ଼ିବା ଓ ଫଳାଫଳରେ ପହଞ୍ଚିବା : ଭାଷା, ଦୃଶ୍ୟ ଓ ଶ୍ରାବ୍ୟହୀନ, ଡିଜିଟାଲ ଗୋଷ୍ଠୀ ଓ୍ୱିକି ଇତ୍ୟାଦି।

ଶିକ୍ଷାରେ ଆଇସିଟିର ପାଠ୍ୟକ୍ରମ ଏକ ଆଶାକୁ ସୂଚାଇଥାଏ। ଆପଣଙ୍କ ବିଦ୍ୟାଳୟର ସାମ୍ପ୍ରତିକ ପରିସ୍ଥିତିର ଆବଶ୍ୟକତା ଉପରେ ପ୍ରତିଫଳନ କରିବା ସମୟରେ ଆପଣଙ୍କର ଆଇସିଟି କୌଶଳକୁ ବିଚାର କରାଯିବ। ଏହି ଏକକର କାର୍ଯ୍ୟବିଧିଗୁଡ଼ିକରେ ଆଇସିଟିର କୌଶଳର ସ୍ତରଗୁଡ଼ିକୁ ଦେଖେଇ ଦିଆଯାଇଛି। ଯାହାକୁ ଶିକ୍ଷକମାନେ ବ୍ୟବହାର କରିବେ। ଶ୍ରେଣୀରେ ଶିକ୍ଷଣ ପରେ ଓ ବୃତ୍ତିଗତ ବିକାଶରେ ଆଇସିଟି କିପରି ସାହାଯ୍ୟ କରିପାରେ ତାର କେତେକ ଧାରଣା ଯୋଗେଇ ଦିଆଯାଇଛି। ଆଶା କରାଯାଏ ଆପଣ ଦୁଇ ବା ତିନିଜଣ ଚମ୍ପିଆନଙ୍କୁ ଚିହ୍ନଟ କରିଥିବେ ଯିଏ କି ଆପଣଙ୍କୁ କୌଶଳ ବିକାଶରେ ସାହାଯ୍ୟ କରିବାକୁ ସମର୍ଥ ହେବେ।

ଆପଣଙ୍କର ଆଇସିଟି କୌଶଳରେ ଆପଣଙ୍କୁ କେତେକ କଥା ମନେରଖିବା ଦରକାର ପଡ଼ିବ।

- ଆପଣଙ୍କର ଶିକ୍ଷକମାନଙ୍କର ବିଶ୍ୱାସ ଓ ଦକ୍ଷତାରେ ଉନ୍ନତି କରିବା।
- ଆପଣଙ୍କ ବିଦ୍ୟାଳୟର ଶ୍ରେଣୀରେ ଶିକ୍ଷାଦାନ ଶିକ୍ଷଣରେ ଆଇସିଟି କିପରି ସହାୟତା ପ୍ରଦାନ କରେ ତା'ର ଉପାୟଗୁଡ଼ିକୁ ଚିହ୍ନଟ କରିବା।
- ପ୍ରଯୁକ୍ତିବିଦ୍ୟାକୁ ଆଧାର କରି ଉପଲବ୍ଧ ପ୍ରଯୁକ୍ତିବିଦ୍ୟାର ଉନ୍ନତି କରିବା ଯାହା ଶିକ୍ଷକଙ୍କ ପାଖରେ ପୂର୍ବରୁ ଅଛି ଏବଂ ବହୁ ମୂଲ୍ୟବାନ ବୋଲି ଚିହ୍ନଟ କରାଯାଇଛି। ଯାହାର ଅଧିକ ପ୍ରଭାବ ଅଧିକ ସଂଖ୍ୟକ ବ୍ୟକ୍ତିଙ୍କ ଉପରେ ପଡ଼ିଥାଏ।

### ଶିକ୍ଷଣକାର୍ଯ୍ୟ ୮ : ଆଇସିଟି କୌଶଳ ଗଠନ କରିବା

ପରିସ୍ଥିତି ଅଧ୍ୟୟନକୁ ଅଧ୍ୟୟନ କରନ୍ତୁ ଓ ଆଇସିଟି ଚମ୍ପିୟନ ସହ ମିଶି ଆପଣଙ୍କ କୌଶଳର ପ୍ରତ୍ୟେକ ଉପାଦାନ ପାଇଁ ଗୋଟିଏ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରନ୍ତୁ।

ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଉଚ୍ଚାଭିଳାଷ ପଥରେ ବିଦ୍ୟାଳୟ ଅଗ୍ରଗତି କରୁଛି କି ନାହିଁ ଜାଣିବା ପାଇଁ ଆପଣ ନିଶ୍ଚିତ କରନ୍ତୁ ଯେ ଆପଣ ଚିହ୍ନଟ କରିଥିବା କାର୍ଯ୍ୟଗୁଡ଼ିକ ସେହି ଦିଗରେ କାର୍ଯ୍ୟ କରୁଛି ସେଥିପାଇଁ ଆପଣଙ୍କ ଯୋଜନାକୁ ଆଇସିଟିର ପାଠ୍ୟକ୍ରମ ସହିତ ଯାଞ୍ଚ କରନ୍ତୁ।

## ୬ ସାରାଂଶ

ଭବିଷ୍ୟତରେ ଏହା ଆଶା କରାଯାଏ ଯେ, ଇଣ୍ଟରନେଟ୍‌କୁ ବ୍ୟବହାର କରିବା ଓ ଇଲେକ୍ଟ୍ରୋନିକ୍ସ ଉପକରଣଗୁଡ଼ିକ କମ୍ ଟଙ୍କାରେ ଉପଲବ୍ଧ ହେବ। ଜଣେ ବିଦ୍ୟାଳୟର ମୁଖ୍ୟ ଭାବେ ଆପଣ ସଚେତନ ହେବା ଆବଶ୍ୟକ ଯେ ଆପଣ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଥିବା ପୃଥିବୀ ପାଇଁ ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତ କରୁଛନ୍ତି।

ସେମାନେ ବିଦ୍ୟାଳୟରେ ଥିବା ସମୟରେ ଅଧିକରୁ ଅଧିକ ପ୍ରଯୁକ୍ତିବିଦ୍ୟା ସହିତ ପରିଚିତ ହେବା ଆବଶ୍ୟକ। ସେମାନେ ଭବିଷ୍ୟତରେ ଉନ୍ନତି କରିବା ପାଇଁ ଅଧିକ ଭଲଭାବେ କୁଶଳୀ ହେବେ। ଯେହେତୁ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା ଜାତୀୟ ଶିକ୍ଷାନୀତି ୨୦୧୨ ଯୁବକମାନଙ୍କୁ ଜ୍ଞାନ ଗଠନ ଦିଗରେ ସୃଜନାତ୍ମକ ଢଙ୍ଗରେ ଅଂଶଗ୍ରହଣ କରି ସାମାଜିକ ଅର୍ଥନୈତିକ ବିକାଶ ଓ ବିଶ୍ୱ ପ୍ରତିଯୋଗିତା ପ୍ରସ୍ତୁତ ପାଇଁ ଗୁରୁତ୍ୱ ଦେଇଛି।

ଏହି ଏକକର ଲକ୍ଷ୍ୟ ହେଉଛି ଯେ, ବିଦ୍ୟାଳୟରେ କମ୍ପ୍ୟୁଟର ବ୍ୟବହାର ପାଇଁ କୌଣସି ଉତ୍ସର୍ଗୀକୃତ ସୁବିଧାର ଆବଶ୍ୟକତା ନାହିଁ। କିନ୍ତୁ ଆପଣ ଆଇସିଟି ସମ୍ବଳ ଉପଲବ୍ଧ କରିବାର ଉପାୟ ବିଷୟରେ କୁହାଯାଇଛି। ଆପଣଙ୍କ ସୂଚନା ଯୋଗାଯୋଗ ଓ ପ୍ରଯୁକ୍ତିବିଦ୍ୟାର ଯୋଜନା ପାଇଁ ନିମ୍ନଲିଖିତ ତଥ୍ୟ ମନେରଖିବାକୁ ହେବ।

- ଆପଣଙ୍କ ଶିକ୍ଷକଙ୍କ କୌଶଳ ଓ ବିଶ୍ୱାସକୁ ବିଚାରକୁ ନିଅନ୍ତୁ।
- ଆପଣ ହାସଲ କରିବାକୁ ଚାହୁଁଥିବା ଶିକ୍ଷଣ ଫଳାଫଳକୁ ହାସଲ କରନ୍ତୁ।
- ଯେକୌଣସି ପରିସ୍ଥିତି ସୃଷ୍ଟି ହେଲେ ବି ତାକୁ ମୂଳଧନ କରିବା ପାଇଁ ଆପଣ ଏକ ଦୃଢ଼ ସ୍ଥିତି / ପଦବୀରେ ଅଛନ୍ତି।
- ଏହି ଏକକ ପରିବାରର ଅଂଶ ଅଟେ ଯାହାର ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ରୂପାନ୍ତିକରଣ ସହ ଅଛି। ଅନ୍ୟ ଏକକ ପଢ଼ିବା ବେଳେ ଏହା ଆପଣଙ୍କର ଜ୍ଞାନ ଓ ଦକ୍ଷତା ଗଠନରେ ସାହାଯ୍ୟ କରିପାରେ।
- ପ୍ରାରମ୍ଭିକ ବିଦ୍ୟାଳୟର ଶିକ୍ଷାଦାନ ଶିକ୍ଷଣର ଉନ୍ନତିକୁ ନେତୃତ୍ୱ ଦେବ।
- ମାଧ୍ୟମିକ ବିଦ୍ୟାଳୟର ଶିକ୍ଷାଦାନ ଶିକ୍ଷଣର ଉନ୍ନତିକୁ ନେତୃତ୍ୱ ଦେବ।
- ବିଦ୍ୟାଳୟର ଆକଳନକୁ ନେତୃତ୍ୱ ଦେବ।
- ଦକ୍ଷତା ବୃଦ୍ଧି କରିବା ପାଇଁ ଶିକ୍ଷକଙ୍କୁ ସହାୟତା ଦେବା
- ଶିକ୍ଷକମାନଙ୍କର ବୃତ୍ତିଗତ ବିକାଶ ଉପରେ ଗୁରୁତ୍ୱ ଦେବା।
- ସହାୟତା ପ୍ରଦାନ ଓ ବ୍ୟକ୍ତିଗତ ପଥପ୍ରଦର୍ଶକ।
- ଆପଣଙ୍କ ବିଦ୍ୟାଳୟରେ ଅନ୍ତର୍ନିବେଶୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା।
- ଶିକ୍ଷାର୍ଥୀଙ୍କ ଫଳପ୍ରଦ ଶିକ୍ଷଣ ପାଇଁ ସାମଗ୍ରୀଗୁଡ଼ିକୁ ପରିଚାଳନା କରିବା।

# ସମ୍ବଳ

## ସମ୍ବଳ-୧ : ଶିକ୍ଷକ ଓ ପ୍ରଯୁକ୍ତିବିଦ୍ୟା

ଏହି ପ୍ରଶ୍ନାବଳୀର ଉଦ୍ଦେଶ୍ୟ ହେଉଛି ଯେ ବିଦ୍ୟାଳୟର ମୁଖ୍ୟମାନେ ବିଦ୍ୟାଳୟ ଶିକ୍ଷାଦାନ ଶିକ୍ଷଣରେ ସହାୟତା ପାଇଁ ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରିବା ଉପରେ ଯୋଜନା କରିବା ବେଳେ ଜ୍ଞାନ ଓ କୌଶଳ ବିଷୟରେ ଜାଣିବା ଦରକାର।

୧. ଦୟାକରି ସାରଣୀ ସ୧.୧ରେ ଚିହ୍ନଟ କରନ୍ତୁ ଯେ ଆପଣ ବିଦ୍ୟାଳୟ ଭିତରେ ଓ ବାହାରେ କେଉଁ ସବୁ ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରୁଛନ୍ତି।

| ପ୍ରଯୁକ୍ତିବିଦ୍ୟା | ବିଦ୍ୟାଳୟ ବାହାରେ ବ୍ୟବହାର କରୁଛନ୍ତି କି ? | ୧ରୁ ୫ ସ୍କେଲ ବ୍ୟବହାର କରି କୁହନ୍ତୁ ଯେ ଆପଣ ଏହି ଉପକରଣ ବ୍ୟବହାର କରିବାରେ କେତେ ଦୃଢ଼ ୧ ଆଦୌ ନୁହେଁ ଦୃଢ଼ ଓ ୫ ଅଧିକ ଦୃଢ଼ | ଶ୍ରେଣୀ କୋଠରୀରେ ବ୍ୟବହାର କରନ୍ତି କି ? |
|---|---|---|---|
| ଡେସ୍କଟପ୍ କମ୍ପ୍ୟୁଟର | | | |
| ଲାପ୍‌ଟପ୍ | | | |
| ଇଣ୍ଟରନେଟ୍‌ର ବ୍ୟବହାର | | | |
| ମୋବାଇଲ୍ ଫୋନ୍ ଯେଉଁଥିରେ କାଲ୍‌କୁଲେଟର ଓ କ୍ୟାମେରା ଥିବ । | | | |
| ସ୍ମାର୍ଟଫୋନ୍ (ଇଣ୍ଟରନେଟ୍ ସୁବିଧା ଉପଲବ୍ଧ) | | | |
| ଟେବ୍‌ଲେଟ୍ | | | |
| ଇ-ମେଲ୍ | | | |
| ସାମାଜିକ ମଧ୍ୟମ ଟ୍ୱିଟର, ଫେସ୍‌ବୁକ୍ | | | |
| ପ୍ରୋଜେକ୍ଟର / ସ୍କ୍ରିନ୍ | | | |
| ଡାକବାଜି ଯନ୍ତ୍ର (Loudspeaker) | | | |
| ପ୍ରିଣ୍ଟର (Printer) | | | |
| ଡିଜିଟାଲ୍ କ୍ୟାମେରା (ଯାହା ଫୋନ୍ ଓ ଟେବ୍‌ଲେଟ୍ ସହ ସଂଯୋଗ ହୋଇପାରିବ) | | | |
| ସିଡି/ଟେପ୍‌ରେକର୍ଡର | | | |
| ଟେଲିଭିଜନ/ ଡିଭିଡି ପ୍ଲେୟାର | | | |
| ରେଡ଼ିଓ | | | |

୨. କେଉଁ ଦକ୍ଷତା / କୌଶଳ ଆପଣଙ୍କ ପାଖରେ ଅଛି ବା କ'ଣ ଶିଖିବାକୁ ଆପଣ ଅଧିକ ଆଗ୍ରହୀ ? ସାରଣୀ ଆର୍ ୧.୨ରେ ଉତ୍ତର ଦିଅନ୍ତୁ ।

*ସାରଣୀ ଓ ୧.୨ କମ୍ପ୍ୟୁଟର ଦକ୍ଷତାର ଯାଞ୍ଚ*

| କମ୍ପ୍ୟୁଟର ଦକ୍ଷତା | ମୁଁ କରିପାରିବ | ଏହା କିପରି କରିବ ସେଥିପାଇଁ ଶିଖିବାକୁ ଆଗ୍ରହୀ |
|---|---|---|
| କମ୍ପ୍ୟୁଟର ମାଉସ୍ ଚଲେଇବ | | |
| ଫାଇଲ ଖୋଲିବା ଓ ତାକୁ Save କରିବା ଓ ଫୋଲ୍ଡର ତିଆରି କରିବା । | | |
| ଶବ୍ଦ ତିଆରି କରିବା (Word Processing) | | |
| କମ୍ପ୍ୟୁଟରରେ ତିଆରି କରିଥିବା ଡକୁମେଣ୍ଟର ପ୍ରିଣ୍ଟ ବାହାର କରିବା | | |
| ସ୍ପ୍ରେଡ୍‌ସିଟ୍‌ର ବ୍ୟବହାର (Spread Sheet) | | |
| ଇଣ୍ଟରନେଟ୍ ବ୍ୟବହାର କରି ଖୋଜିବା | | |
| ଇଣ୍ଟରନେଟ୍‌ରୁ ତଥ୍ୟ ସବୁ ଡାଉନ୍‌ଲୋଡ୍ କରିବା | | |
| କମ୍ପୁଟରରେ ସିଡି ପୂରେଇବା ଓ ସେଥିରେ ଥିବା ତଥ୍ୟ ଦେଖିବା | | |
| ଫାଇଲ୍‌କୁ ପଢ଼ି ସେଭ୍ (Save) କରିବା ଓ ତାକୁ ମେମୋରିଡିକ୍ସ (Memorydisk)ରେ ରଖିବା | | |
| ଡାକବାଜି ଯନ୍ତ୍ର ଓ ପ୍ରୋଜେକ୍ଟର ସହ କମ୍ପ୍ୟୁଟରକୁ ସଂଯୋଗ କରିବା | | |
| ଡିଜିଟାଲ କ୍ୟାମେରାରୁ ଫଟୋଗୁଡ଼ିକ କମ୍ପ୍ୟୁଟରକୁ ନେଇ Save କରିବା | | |
| ଇମେଲ୍ ପଠେଇବା ଓ ପଢ଼ିପାରିବା | | |
| ଫାଇଲକୁ ଯୋଡ଼ି ଇମେଲ୍ ମାଧ୍ୟମରେ ପଠାଇବା | | |
| ଟ୍ୱିଟର ଓ ଫେସ୍‌ବୁକ୍ ବ୍ୟବହାର କରିବା | | |
| ଇଣ୍ଟରନେଟ୍ ମାଧ୍ୟମରେ କିଣାବିକା କରିବା | | |
| ୟୁଟ୍ୟୁବ୍‌ରେ ଚଳଚ୍ଚିତ୍ର ଦେଖିବା | | |
| ଚଳଚ୍ଚିତ୍ରଟିଏକୁ ୟୁଟ୍ୟୁବ୍‌ରେ ଅପଲୋଡ କରିବା | | |
| ସ୍କାନ୍ କରି ସେହି ତଥ୍ୟକୁ କମ୍ପ୍ୟୁଟରକୁ ନେବା | | |
| ଲାପ୍‌ଟପ୍‌ରେ ଡିଭିଡି ଦେଖିବା | | |

୩. ଏହି ବିଦ୍ୟାଳୟର ଶିକ୍ଷକ ଭାବରେ ଆପଣ ଶିକ୍ଷାଦାନ ଶିକ୍ଷଣ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ତିନୋଟି ଆହ୍ୱାନର ତାଲିକା କରନ୍ତୁ ।

## ସମ୍ବଳ ୨ : ସାଧାରଣ ଆହ୍ୱାନଗୁଡ଼ିକ ପାଇଁ ପ୍ରଯୁକ୍ତିବିଦ୍ୟାର ସମାଧାନ

ଶିକ୍ଷକମାନେ ନିମ୍ନରେ ଦିଆଯାଇଥିବା ସମସ୍ୟାଗୁଡ଼ିକର ସମ୍ମୁଖୀନ ହୋଇଥାନ୍ତି।

- ମୋର ବହୁତ ବଡ଼ ଶ୍ରେଣୀ ଅଛି
- ସିଲାବସ୍ ଶେଷ କରିବା ପାଇଁ ମତେ ଅଧିକ ପରିଶ୍ରମ କରିବାକୁ ପଡ଼େ।
- ଶିକ୍ଷାର୍ଥୀମାନେ ଅଭିପ୍ରେରିତ ନୁହନ୍ତି।
- ଶିକ୍ଷାର୍ଥୀମାନେ କାର୍ଯ୍ୟକୁ କଷ୍ଟକର ଅନୁଭବ କରନ୍ତି।
- ମୋ ପାଖରେ ଯଥେଷ୍ଟ ସମ୍ବଳ ନାହିଁ।
- ପାଠ୍ୟକ୍ରମର କେତେକ ବିଷୟ ପଢ଼ାଇ ପାରିବି ସେ ବିଶ୍ୱାସ ମୋର ନାହିଁ।
- ଶିକ୍ଷାର୍ଥୀମାନେ ଭଲ ବ୍ୟବହାର ପରିଦର୍ଶନ କରୁନାହାନ୍ତି।
- ମୁଁ ଅଂଶଗ୍ରହଣାତ୍ମକ ପନ୍ଥା ବ୍ୟବହାର କରିବାକୁ ଚେଷ୍ଟା କରୁଛି କିନ୍ତୁ ଶିକ୍ଷାର୍ଥୀମାନେ ପରସ୍ପର ମଧ୍ୟରେ କଥା ହେବାକୁ ଓ ପ୍ରଶ୍ନ ପଚାରିବାକୁ ଦ୍ୱିଧା ଅନୁଭବ କରୁଛନ୍ତି।
- ଶିକ୍ଷାର୍ଥୀମାନେ ବିଦ୍ୟାଳୟରେ ଉପସ୍ଥିତ ରହୁ ନ ଥିବାରୁ କାର୍ଯ୍ୟ କରନ୍ତି ନାହିଁ ତେଣୁ ସେମାନଙ୍କର ବୁଝିବାରେ ସୁବିଧା ଦେଖାଯାଏ।
- ଅଂଶଗ୍ରହଣାତ୍ମକ ପନ୍ଥା ଅବଲମ୍ବନ କରିବାକୁ ମତେ କୁହାଯାଇଛି କିନ୍ତୁ ଶ୍ରେଣୀରେ ଅଧିକ ସଂଖ୍ୟକ ଶିକ୍ଷାର୍ଥୀ ଥିବାରୁ ଏହା କରିବା ସମ୍ଭବପର ନୁହେଁ।

ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଅନେକଗୁଡ଼ିଏ ଆହ୍ୱାନର ସମାଧାନ ହୋଇପାରିବ। ଗୋଟିଏ ଲାପ୍‌ଟପ୍‌କୁ ସାମୟିକ ଭାବେ ଇଣ୍ଟରନେଟ୍ ସହ ସଂଯୋଗ କରି ବିଭିନ୍ନ ତଥ୍ୟକୁ ଡାଉନ୍‌ଲୋଡ୍ କରିପାରିବା ଓ ଶିକ୍ଷକ ସେଗୁଡ଼ିକୁ ବ୍ୟବହାର କରିପାରିବେ।

- ସମାନ ଓ ନୂତନ ପ୍ରସଙ୍ଗକୁ ଆଗ୍ରହାନ୍ୱିତ କରିବା ପାଇଁ ବ୍ୟବହାର କରିବେ।
- ଜଟିଳ ଧାରଣାଗୁଡ଼ିକୁ ବୁଝେଇ ପାରିବେ।
- ପାଠ୍ୟକ୍ରମର ପ୍ରସଙ୍ଗକୁ ବାସ୍ତବ ଦୁନିଆ ସହ ସମ୍ପର୍କ ସ୍ଥାପନ କରିବା।

ଦ୍ୱନ୍ଦାତ୍ମକ ପ୍ରସଙ୍ଗର ଉଭୟ ପାର୍ଶ୍ୱର (ଭଲ ଓ ଖରାପ ଦିଗକୁ) ଉପସ୍ଥାପନା କରି ଶିକ୍ଷାର୍ଥୀଙ୍କ ମଧ୍ୟରେ ଆଲୋଚନା ଓ ଯୁକ୍ତିତର୍କକୁ ଆଗକୁ ନିଆଯାଇପାରେ। ଟେବ୍‌ଲେଟ୍‌ରେ ପୂର୍ବରୁ ଲୋଡ୍ ହୋଇଥିବା ଶୈକ୍ଷିକ ତଥ୍ୟଗୁଡ଼ିକ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କୁ ବୁଝିବାରେ ଓ ନିୟୋଜିତ କରିବାରେ ସାହାଯ୍ୟ କରିପାରେ। କମ୍ପ୍ୟୁଟରକୁ ଗବେଷଣା ପାଇଁ ବ୍ୟବହାର କରିବା ତଥ୍ୟଗୁଡ଼ିକୁ ଉପସ୍ଥାପନ କଲେ ଶିକ୍ଷାର୍ଥୀମାନେ ସେମାନଙ୍କ ଶିକ୍ଷଣର ଦାୟିତ୍ୱ ନେବାର ସୁଯୋଗ ସୃଷ୍ଟି କରିଥାଏ।

## ସମ୍ବଳ ୩ : ମୁକ୍ତ ଶୈକ୍ଷିକ ସମ୍ବଳଗୁଡ଼ିକୁ ଖୋଜିବା

ନିମ୍ନରେ ମୁକ୍ତ ଶୈକ୍ଷିକ ସମ୍ବଳ ଖୋଜିବାର ୱେବ୍‌ସାଇଟ୍ ପ୍ରଦତ୍ତ କରାଗଲା।

(ଇଂରାଜୀ Module page No.17ର ତାଲିକା (Website) ଏଠି type ହେବ)

ସାମଗ୍ରୀ ଗୁଡ଼ିକର ଗୁଣାତ୍ମକତାକୁ ଆକଳନ କରିବା ପାଇଁ ଏଠି ଏକ ତନଖି ତାଲିକା ଦିଆଯାଇଛି।

- ସାମଗ୍ରୀଗୁଡ଼ିକ ଆପଣଙ୍କ ପରିସ୍ଥିତି ସହ ପ୍ରଯୁଜ୍ୟ କି ?
- ସେଗୁଡ଼ିକ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କୁ ଅଂଶଗ୍ରହଣ କରିବା ପାଇଁ ଅଭିପ୍ରେରିତ କରିବ କି ?
- ଆପଣଙ୍କ ବିଦ୍ୟାଳୟରେ ଚିହ୍ନଟ ହୋଇଥିବା ଆବଶ୍ୟକତାକୁ ସମାଧାନ କରିବାରେ ସାହାଯ୍ୟ କରିବ କି ?
- ସେଗୁଡ଼ିକ ଆପଣଙ୍କ ପାଇଁ ମୂଲ୍ୟବାନ ଅଟେ କି ? ବହିରେ ବା ଅନ୍ୟ ସମ୍ବଳରେ ଉପଲବ୍ଧ ତଥ୍ୟ ବ୍ୟତୀତ ଅନ୍ୟ ଶିକ୍ଷଣ ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରୁଛି କି ?

## ସମ୍ବଳ ୪ : ପରିଚାଳନା ଓ ସହାୟତା

ପରିଚାଳନା ଓ ସହାୟତା ପାଇଁ ସବୁବେଳେ ଅର୍ଥ ଦରକାର ହୋଇଥାଏ। ଯେଉଁ ସହକର୍ମୀଙ୍କର ଜ୍ଞାନ ଓ କୌଶଳ ଅଛି ଆପଣ ତାଙ୍କୁ ଏ ଦାୟିତ୍ୱ ଦେବା ଉଚିତ ହେବ ବା ଅନ୍ୟ ଉପାୟରେ ଆପଣ ଏହି ସେବାକୁ କିଣିପାରିବେ ବା ସ୍ୱେଚ୍ଛାକୃତ ଭାବରେ ସାହାଯ୍ୟ କରୁଥିବା ବ୍ୟକ୍ତିଙ୍କଠୁ ସାହାଯ୍ୟ ଗ୍ରହଣ କରିପାରିବେ।

ବିଦ୍ୟାଳୟ ବ୍ୟବସ୍ଥା ଭିତର ବ୍ୟକ୍ତି ବା ଯାହାଙ୍କୁ ଟଙ୍କା ଦେଇ କାମ କରାଯାଇପାରିବ ସେମାନେ ଏ ପରିଚାଳନାର ଅଂଶୀଦାର ହୋଇପାରିବେ। ଉପକରଣର ବ୍ୟବହାର ତଦାରଖ ବ୍ୟବସ୍ଥା ଭିତରେ ଅନ୍ତର୍ଭୁକ୍ତ ଅଟେ। କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଉପକରଣର ରକ୍ଷଣାବେକ୍ଷଣ ପାଇଁ ନିମ୍ନରେ ପ୍ରଦତ୍ତ ହୋଇଥିବା ଦିଗକୁ ବିଚାର କରାଯାଇପାରେ।

- ବ୍ୟବହାର ଦ୍ୱାରା ଶେଷ ହୋଇଯାଉଥିବା ଉପକରଣଗୁଡ଼ିକୁ ପୁନଃସ୍ଥାପନ କରିବା।
- ଖରାପ ହୋଇଥିବା ଯନ୍ତ୍ରାଂଶଗୁଡ଼ିକୁ ସଜାଡ଼ିବା ବା ପୁନଃସ୍ଥାପିତ କରିବା।
- ସମୟ ସମୟରେ ଉପକରଣଗୁଡ଼ିକୁ ଯାଞ୍ଚ କରିବା ଓ ସଫାସୁତୁରା କରିବା
- ହାର୍ଡୱେର ଓ ସଫ୍ଟୱେରର ପାହ୍ୟା ବୃଦ୍ଧି (upgradation) କରିବା। ଏଥିସହିତ ନୂତନ ଭାବରେ ଉପଲବ୍ଧ ଥିବା ବ୍ୟବସ୍ଥାକୁ ସ୍ଥାପନ କରିବା।
- ବ୍ୟବସ୍ଥାରେ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ସାମିଲ କରିବା ବା ବାହାର କରିବା ବା ପର ଅଧିକାର ଓ ମାଲିକାନାସତ୍ତ୍ୱକୁ ପରିବର୍ତ୍ତନ କରିବା।
- ବିଦ୍ୟାଳୟ ନେଟ୍‌ୱର୍କ ଭିତରେ ସଂରକ୍ଷିତ ହୋଇ ରହିଥିବା ଫାଇଲ୍‌କୁ ଦେଖିବା
- କାର୍ଯ୍ୟରତ ଉପକରଣ ଓ ନେଟ୍‌ୱାର୍କକୁ ତଦାରଖ କରିବା।
- ପ୍ରୟୋଗ ପାଇଁ ଉପକରଣଗୁଡ଼ିକୁ ସ୍ଥାପନ କରିବା ବା ବାହାର କରିବା।

ଉପକରଣ ଓ ବ୍ୟବସ୍ଥାକୁ ସହାୟତା ପ୍ରଦାନ ଅପେକ୍ଷା ଯିଏ ଆଇସିଟି ବ୍ୟବହାର କରେ ତାକୁ ସହାୟତା ଦେବା। ଯେଉଁମାନେ ବ୍ୟବହାର କରୁଛନ୍ତି ସେମାନଙ୍କୁ ସହାୟତା ଦେବା ବା ସେମାନେ ଯେଉଁ ଢଙ୍ଗରେ କାମ କରୁଛନ୍ତି ସେଥିରେ ଉନ୍ନତି ଆଣିବା ପାଇଁ ସାହାଯ୍ୟ କରିବା।

- ସମସ୍ୟା ସମାଧାନ ପାଇଁ ବା ପରାମର୍ଶ ଦେବା ପାଇଁ ହେଲ୍‌ପ ଲାଇନ୍‌ର ବ୍ୟବହାର
- ସ୍ୱୟଂଚାଳିତ ତଥ୍ୟ ବ୍ୟବସ୍ଥା ଯଥା FAQ ବା ନ୍ୟୁଜ୍‌ଲେଟର
- ପ୍ରାରମ୍ଭିକ ପ୍ରଶିକ୍ଷଣ ଓ ହାର୍ଡୱେର ଓ ସଫ୍ଟୱେର ସହିତ ପରିଚିତ

(ଏହା ଜାତୀୟ ଶିକ୍ଷା ପରିସଂସ୍ଥାନ କେନ୍ଦ୍ରରୁ ଗୃହୀତ ଅଟେ ୨୦୦୩)।

# References/bibliography

AzimPremji Foundation (2005) 'Local content development programme: experiences of three schools in Karnataka' (online), November. Available from: http://www.azimpremjifoundation.org/pdf/LocalContent.pdf (accessed 7 January 2015).

Central Institute of Educational Technology (2013) *Curricula for ICT in Education*. New Delhi: National Council of Educational Research and Training. Available from: http://www.ncert.nic.in/announcements/notices/pdf_files/ICT%20Curriculuma.pdf (accessed 8 January 2015).

Das, P. (undated) 'Open education resources and community development: exploring new pathways of knowledge in the field of higher education in Assam' (online), Commonwealth of Learning, Available from: http://www.col.org/pcf6/fp/zIN2310.doc (accessed 8 January 2015).

Department of School Education and Literacy (2012) *National Policy on ICT in School Education* (online). Available from: http://mhrd.gov.in/sites/upload_files/mhrd/files/upload_document/revised_policy%20document%2 0ofICT.pdf (accessed 8 January 2015).

Latchem, C. (2010) 'Using ICT to train teachers in ICT', in Danaher, P. and Umar, A. (eds) *Teacher Education through Open and Distance Learning*. Vancouver: Commonwealth for Learning.

National Center for Education Statistics (2003) 'Chapter 5: Maintenance and support', in *Technology in Schools: Suggestions, Tools, and Guidelines for Assessing Technology in Elementary and Secondary Education* (online). Available from: http://nces.ed.gov/pubs2003/tech_schools/chapter5.asp# (accessed 8 January 2015).

National Council of Educational Research and Training (NCERT) (2005) *National Curriculum Framework 2005* (NCF). New Delhi: National Council of Educational Research and Training. Available from: http://www.teindia.nic.in/files/ncf-2005.pdf (accessed 19 December 2014).

Steketee, C. (2005) 'Integrating ICT as an integral teaching and learning tool into pre-service teacher training courses', *Issues in Educational Research*, vol. 15, no. 1, pp. 101–13. Available from: http://www.iier.waier.org.au/iier15/steketee.html (accessed 8 January 2015).

TESS-India, http://www.tess-india.edu.in/ (accessed 6 January 2015).

UNESCO (undated) 'ICT in education: UNESCO ICT Competency Framework for Teachers' (online). Available from: http://www.unesco.org/new/en/unesco/themes/icts/teacher-education/unesco-ict-competency-framework-for-teachers/ (accessed 8 January 2015).

UNESCO Institute (undated) 'ICT in primary education' (online). Available from: http://iite.unesco.org/publications/themes/primary_ed/%20http://iite.unesco.org/publications/themes/secondary_ed/ (accessed 8 January 2015).

Ushahidi (2013) 'BRCK – your backup generator for the internet' (online), Kickstarter, 4 June. Available from: https://www.kickstarter.com/projects/1776324009/brck-your-backup-generator-for-the-internet (accessed 7 January 2015).

Venkatraman, V. (2012) 'Technology crafts for the digitally underserved' (online), TEDxSummit, Available from: http://www.ted.com/talks/vinay_venkatraman_technology_crafts_for_the_digitally_underserved (accessed 7 January 2015).

# Acknowledgements

Except for third party materials and otherwise stated below, this content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/). The material acknowledged below is Proprietary and used under licence for this project, and not subject to the Creative Commons Licence. This means that this material may only be used unadapted within the TESS-India project and not in any subsequent OER versions. This includes the use of the TESS-India, OU and UKAID logos.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.